### ସଦର ବ୍ଲକରେ ଉନ୍ନୟନମୂଳକ ଯୋଜନାର ସମୀକ୍ଷା ବୈଠକ

# ଧାର୍ଯ୍ୟ ସମୟରେ ବିଭିନ୍ନ ପ୍ରକଳ୍ପ କାମ ସାରିବାକୁ ପରାମର୍ଶ

ବାଲେଶ୍ୱର, ୨୬ ।୬(ସମିସ):



ବାଲେଶ୍ୱର ଜିଲ୍ଲା ସଦର ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟକାରିତାକୁ ନେଇ ଏକ ସମୀକ୍ଷା ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ମାନସ କୁମାର ଦତ୍ତ ଏଥିରେ ଯୋଗଦେଇ ସଦର ବ୍ଲକ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ବ୍ୟବସ୍ଥାର ଉନ୍ନତି ଦିଗରେ ଅନୁମୋଦିତ ବିଭିନ୍ନ ଯୋଜନାର ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ ପାଇଁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ଶ୍ରୀ ଦତ୍ତ ପରାମର୍ଶ ଦେଇଥିଲେ। ସାଧାରଣ ଲୋକଙ୍କୁ ନ୍ୟାୟ ଓ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର ପ୍ରଦାନ ତଥା ଦଳମତ ନିର୍ବିଶେଷରେ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ପାଇଁ ବ୍ଲକ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କ କାର୍ଯ୍ୟ ସମ୍ପାଦନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ସମାଜର ଅବହେଳିତଙ୍କ ପାଇଁ ଉଦ୍ଦିଷ୍ଟ ସହାୟତା ଯୋଜନା, ମହାତ୍ମାଗାନ୍ଧୀ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଭୃତିରେ ଆସୁଥିବା ସରକାରୀ ଅନୁଦାନର ଉଚିତ ବିନିଯୋଗ ପାଇଁ ଯତ୍ନବାନ ହେବାକୁ ସେ ସମସ୍ତଙ୍କୁ କହିଥିଲେ। ସଦର ବିଡିଓ ସମରଜିତ କର ଏଥିରେ ପୌରୋହିତ୍ୟ କରିବା ସହ କାର୍ଯ୍ୟକାରୀ ବିଭିନ୍ନ ଯୋଜନା ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ସମ୍ପ୍ରତି ମଧୁବାବୁ ପେନସନ ଯୋଜନାରେ ୨୮୧୧ଜଣ ହିତାଧିକାରୀ ଚୟନ ହୋଇଥିବା ବେଳେ ୨୭୩୪ଜଣ ସାମିଲ ହୋଇଛନ୍ତି। ସେହିପରି ବିଧବା ଭତ୍ତା ପାଇବାକୁ ୨୮୨୭ଜଣ ଚୟନ ହୋଇଥିବା ବେଳେ ୩୨୪ଜଣ ଦିବ୍ୟାଙ୍ଗ, ୨୦ଜଣ ଜାତୀୟ ପରିବାର ମଙ୍ଗଳ ଯୋଜନା, ୬୨୭ଜଣ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉଛି। ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ତାଲିକାରେ ସାମିଲ ଦୀର୍ଘ ବର୍ଷ ଧରି ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ନାମକୁ ନେଇ ଉପସ୍ଥିତ ପଞ୍ଚାୟତ ପ୍ରତିନିଧିମାନେ ଅନିୟମିତତା ନେଇ ଅଭିଯୋଗ କରିଥିଲେ। ପଞ୍ଚାୟତ ପ୍ରତିନିଧି ବା ଅଧିକାରୀ ବ୍ଲକ କାର୍ଯ୍ୟାଳୟକୁ ସଠିକ ତଥ୍ୟ ପ୍ରଦାନ କରୁନଥିବାରୁ ଏହିଭଳି ସ୍ଥିତି ଉପୁଜିଥିବା ସେମାନେ ଆରୋପ ଉଠାଇଥିଲେ। ବ୍ଲକ ପ୍ରଶାସନ ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ସଦର ବିଧାୟକ ଶ୍ରୀ ଦତ୍ତ ପରାମର୍ଶ ଦେଇଥିଲେ। ପଞ୍ଚାୟତସ୍ତରୀୟ ଅଙ୍ଗନବାଡି କେନ୍ଦ୍ର ମାଧ୍ୟମରେ ପ୍ରତି ମାସ ମୃତବ୍ୟକ୍ତିଙ୍କ ବାବଦରେ ତଥ୍ୟ ସଂଗ୍ରହ ସହ ତାଲିକା ସଂଶୋଧନ କରିବାକୁ ଶ୍ରୀ ଦତ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ସଦର ବ୍ଲକ ଅର୍ନ୍ତଗତ କୁରାଡ଼ିହା, ବାହାବଳପୁର ଅଞ୍ଚଳରେ ବର୍ତ୍ତମାନ ପର୍ଯ୍ୟନ୍ତ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ପ୍ରଦାନ କରାଯାଉଥିବା ନେଇ ପ୍ରତିନିଧିମାନେ ଅଭିଯୋଗ ଉଠାଇଥିଲେ। ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ଏଦିଗରେ ସମସ୍ୟା ଉପୁଜିଲେ ପଞ୍ଚାୟତ ପ୍ରତିନିଧିମାନଙ୍କ ସହାୟତା ନେବାକୁ ସେ କହିଥିଲେ। ଏହାଛଡା ସେ କହିଥିଲେ ଯେ, ସଦର ବ୍ଲକରେ ବିଭିନ୍ନ ଯୋଜନାକୁ ନେଇ ସମୀକ୍ଷା କରାଯାଉଥିବା ବେଳେ ବ୍ଲକ ପ୍ରଶାସନ ସମସ୍ତ ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ପାଇଁ ପରାମର୍ଶ ଦେଇଛନ୍ତି। ଏହାଛଡା ବ୍ଲକ କାର୍ଯ୍ୟରେ ଆସୁଥିବା ସାଧରଣ ଲୋକେ ଯେପରି ଭାବେ ପ୍ରତାରିତ ନ ହୋଇ ତାଙ୍କ କାର୍ଯ୍ୟ ସଠିକ ଭାବେ କରିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବା ସହ ସଦର ବ୍ଲକ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ରହିବ ସେ ନେଇ ଆଲୋଚନା କରାଯାଇଥିଲା। ସମସ୍ତ ଯୋଜନା କିପରି ଭାବେ ଲୋକମାନଙ୍କ ପାଖକୁ ସଠିକ ଭାବେ ପହଁଚିବ କିମ୍ବା ଲୋକେ ଏହି ସେବା ପାଇବାରେ କୌଣସି ଅସୁବିଧାରେ ସମ୍ମୁଖୀନ ନ ହୁଅନ୍ତୁ ସେ ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ସଦର ବ୍ଲକ ଅଧକ୍ଷା ସୁନୀତା ବେହେରା, ଏବିଡିଓ ଅଶୋକ କୁମାର ଦାସଙ୍କ ସମେତ ବ୍ଲକ ଓ ବିଭିନ୍ନ ପଞ୍ଚାୟତର ଅଧିକାରୀମାନେ ଉପସ୍ଥିତ ଥିଲେ। ସଦର ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମାଟ୍ରିକ ଟପ୍ପରଙ୍କ ସମ୍ବର୍ଦ୍ଧନା



ବାଲେଶ୍ୱର, ୨୬।୬(ସମିସ): ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ବାଲେଶ୍ୱର ସଦର ମହକୁମାରେ ଥିବା ସରକାରୀ ବିଦ୍ୟାଳୟ ସ୍ତରରେ ସର୍ବାଧିକ ନମ୍ବର ରଖିଛନ୍ତି ପ୍ରିୟଂଶୁ ନାୟକ। ଜିଲ୍ଲା ସ୍କୁଲରେ ସେ ଅଧ୍ୟୟନ କରୁଥିଲେ। ମାଟ୍ରିକ ପରୀକ୍ଷାରେ ସେ ୬୦୦ରୁ ୫୬୪ ନମ୍ବର ରଖି ୯୪ ପ୍ରତିଶତ ମାର୍କ ହାସଲ କରିଛନ୍ତି। ଏତଦବ୍ୟତୀତ ପ୍ରିୟଂଶୁ ଗଣିତରେ ୯୯ ପ୍ରତିଶତ ମାର୍କ ରଖି ରାଜ୍ୟରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରର ଗୌରବ ହାସଲ କରିଛନ୍ତି ବୋଲି ତାଙ୍କ ପିତା ରତିକାନ୍ତ ନାୟକ ସୂଚନା ଦେଇଛନ୍ତି। ଫକୀର ମୋହନ କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ପଢ଼ି ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ପ୍ରିୟଂଶୁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ପାଞ୍ଚ ନମ୍ବର ୱାର୍ଡ କାଉନସିଲର ମିତା ପଟ୍ଟନାୟକ ଏବଂ ସମାଜ ସେବୀ ରିତିକ ଜି ତାଙ୍କ ମାନସିଂବଜାରସ୍ଥିତ ବାସଭବନରେ ପହଁଚି, ତାଙ୍କୁ ପୁଷ୍ପ ଗୁଚ୍ଛ ସହ ପୁରସ୍କାର ପ୍ରଦାନ କରିବା ପୂର୍ବକ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।ଏହି ଅବସରରେ ପ୍ରିୟଂଶୁ ଙ୍କ ପିତା ରତିକାନ୍ତ ନାୟକ, ମା' ବବିତା ନାୟକ, ଯୁବ ନେତା ମନୋରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଗଡ଼ିଲା ଶିଶୁ ଶ୍ରମ ନିରାକରଣ ଓ ସଚେତନତା ରଥ



ବାଲେଶ୍ୱର, ୨୬।୬(ସମିସ): ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶିଶୁ ଶ୍ରମ ନିରାକରଣ ଓ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି।ଜିଲ୍ଲା ଶ୍ରମବିଭାଗରଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏକ ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ନଗର ପରିକ୍ରମା କରିଥିଲା। ଏହି ରଥକୁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିରଞ୍ଜନ ବେହେରା ଶୁଭାରମ୍ଭ କରିଥିଲେ। ଜିଲ୍ଲାରୁ ତଥା ରାଜ୍ୟରୁ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ଏବଂ ଏହାର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଜିଲ୍ଲା ସ୍ତରରେ ସଚେତନତା ପାଇଁ ଏହି ପଦକ୍ଷେପ ନିଆଯାଇଛି। ସୂଚନା ଯୋଗ୍ୟ ଯେ, ୧୪ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କୌଣସି ସ୍ଥାନରେ ଶ୍ରମିକ ଭାବେ କାର୍ଯ୍ୟ କରାଇବା ଏକ ଦଣ୍ଡନୀୟ ଅପରାଧ ଏବଂ ଶିଶୁ ଶ୍ରମ (ନିଷେଧ ଏବଂ ନିୟମାବଳୀ) ଅଧିନିୟମ, ୧୯୮୬ ଅନୁସାରେ ଭାରତ ସରକାର ଏହାକୁ ସମ୍ପୂର୍ଣ୍ଣ ଅବୈଧ ବୋଲି ଘୋଷଣା କରିଛନ୍ତି। ଏହି ସଚେତନତା ରଥ ମାଧ୍ୟମରେ ସମସ୍ତ ନାଗରିକମାନଙ୍କୁ ସଚେତନ କରାଇବା ସହିତ ଏହି ଘୃଣ୍ୟ ଏବଂ କୁପ୍ରଥାକୁ ବିମୋଚନ କରିବା ପାଇଁ ଜିଲ୍ଲା ପ୍ରଶାସନ ସର୍ବଦା କାର୍ଯ୍ୟରତ। ତେଣୁ ଏହି ନିୟମକୁ ମାନି ଏକ ସୁସ୍ଥ ଭବିଷ୍ୟତ ପାଇଁ ଶିଶୁ ଶ୍ରମିକ ପ୍ରଥାକୁ ରୋକା ଯିବା ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ଏବଂ ଜିଲ୍ଲା ଶ୍ରମ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ମହିଳା କଲେଜ ପରିଚାଳନା କମିଟି ସଭାପତିଙ୍କ କଲେଜ ପରିଦର୍ଶନ

ବାଲେଶ୍ୱର, ୨୬ ।୬(ସମିସ): ବାଲେଶ୍ୱର ମହିଳା କଲେଜ ପରିଚାଳନା କମିଟିର ସଭାପତି ବିନୋଦ ବିହାରୀ ପଣ୍ଡା କଲେଜ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ କଲେଜର ଅଧକ୍ଷା ଡ. ସୀମାରେଖା ଭୋଇ ଓ ଅନ୍ୟାନ୍ୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ କଲେଜର ଉପସ୍ଥିତ ଥିଲେ। ପ୍ରତ୍ୟେକ କାର୍ଯ୍ୟ ଦିବସରେ କର୍ମଚାରୀମାନେ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶାନାମା ଅନୁସାରେ ୩ଘଣ୍ଟା କଲେଜରେ ଉପସ୍ଥିତ ରହି ଶିକ୍ଷାଦାନ ସଠିକ ଭାବେ କରିବା ସହିତ କଲେଜର ଅନ୍ୟାନ୍ୟ କାର୍ଯ୍ୟ ଓ ପରିଚାଳନାଗତ କାର୍ଯ୍ୟରେ ଅଧକ୍ଷାଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। କଲେଜରେ ଚାଲୁଥିବା ୫ଟି ନିର୍ମାଣଧୀନ କାର୍ଯ୍ୟ ତଦାରଖ କରିବା ସହ କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହାବ୍ୟତିତ କଲେଜ ପରିସରରେ ଛାତ୍ରୀମାନଙ୍କର କୌଣସି ପ୍ରକାର ଶିକ୍ଷା ସମ୍ବନ୍ଧୀୟ ଅସୁବିଧା ନ ହୁଏ ସେଥିପ୍ରତି ସମସ୍ତେ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ଯଦି କୌଣସି କର୍ମଚାରୀ ନିୟମ ଅନୁସାରେ କାର୍ଯ୍ୟ ସମ୍ପାଦାନ ନ କରନ୍ତି ତେବେ ତାଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ପ୍ରଦାନ କରିବାକୁ ଅଧକ୍ଷାଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର, ୨୬ ।୬(ସମିସ): ସଦର ବ୍ଲକ ସୁନହଟ ଅନ୍ତର୍ଗତ ପୁରୁଣା ବାଲେଶ୍ୱର ସରକାରୀ ବାଳକ ପ୍ରାଥମିକ ବିଦ୍ୟାଳୟ(ମୁନିସିପାଲିଟି)ର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ପଣ୍ଡାଙ୍କ ଆକସ୍ମିକ ବିୟୋଗରେ ଏକ ଶୋକସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶୋକ ସଭାରେ ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜୟ କୁମାର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରେକୃଷ୍ଣ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ସଭ୍ୟସଭ୍ୟା, ଗ୍ରାମବାସୀ, ଛାତ୍ରଛାତ୍ରୀ, ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର, ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ପଣ୍ଡାଙ୍କ ଅମର ଆତ୍ମାର ସଦଗତି ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସେ ଜଣେ ସରଳ, ମିଷ୍ଟଭାଷୀ, ଛାତ୍ରବତ୍ସଳ, ପରୋପକାରୀ, ଧର୍ମପରାୟଣା ଏବଂ ଆଦର୍ଶ ଶିକ୍ଷୟିତ୍ରୀ ଥିଲେ ବୋଲି ଆଲୋଚନା ହୋଇଥିଲା। ସୂଚନା ଯୋଗ୍ୟ ଯେ, ଏକ ସଡକ ଦୁର୍ଘଟଣାରେ ଗତ ୧୧ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ ପାଳିତ




ବାଲେଶ୍ୱର, ୨୬।୬(ସମିସ): ସ୍ଥାନୀୟ ଗାନ୍ଧୀସ୍ମୃତିଭବନପରିସରରେଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ୨୦୨୪ ପାଳିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର ଏବଂ ବାଲେଶ୍ୱର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ଅବକାରୀ ଅଧୀକ୍ଷକ ହରିହର ସିଂ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ଏବଂ ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଉତ୍ସବରେ ସମାଜର ବିଭିନ୍ନ କ୍ଷେତ୍ରର ବହୁସଂଖ୍ୟକ ଲୋକ ଅଂଶଗ୍ରହଣ କରିଥିଲେ। ଆରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ବେହେରା ନିଶା ଅପବ୍ୟବହାର ଓ ଅବୈଧ କାରବାର ଭଳି ଜଟିଳ ସମସ୍ୟାର ମୁକାବିଲା ପାଇଁ ଆବଶ୍ୟକ ଏକୀକୃତ ଆଭିମୁଖ୍ୟ ବିଷୟରେ ବିସ୍ତୃତ ସୂଚନା ଦେବା ସହ ନିଶାମୁକ୍ତ ସମାଜ ଗଠନରେ ପ୍ରତ୍ୟେକ ନାଗରିକଙ୍କ ବ୍ୟକ୍ତିଗତ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାଛଡା ବିଭିନ୍ନ ସରକାରୀ ବିଭାଗ, ଶିକ୍ଷାନୁଷ୍ଠାନ, ଗୋଷ୍ଠୀ ସଙ୍ଗଠନ ମଧ୍ୟରେ ନିରବଚ୍ଛିନ୍ନ ସହଯୋଗ ଦ୍ୱାରା ଏହି ଦିବସର ସଠିକ ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଅବକାରୀ ଅଧୀକ୍ଷକ ହରିହର ସିଂ ଓ ନିଶା ଦ୍ରବ୍ୟଠାରୁ ଦୂରେଇ ରହି ଏକ ସୁସ୍ଥ ଜୀବନ ଯାନ କରିବା ନିମନ୍ତେ ସଭାରେ ସାମୂହିକ ଶପଥ ପାଠ ଗ୍ରହଣ କରାଯାଇଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ -୨୦୨୪ ଅବସରରେ ଆଜି ସକାଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏହାକୁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିରଞ୍ଜନ ବେହେରା ଶୁଭାରମ୍ଭ କରିଥିଲେ।

## ରାତି କର୍ଫ୍ୟୁ ବଳବତ୍ତର

ବାଲେଶ୍ୱର, ୨୬ ।୬(ସମିସ): ଗୋଷ୍ଠୀ ସଂଘର୍ଷକୁ ନେଇ ସହରରେ ୧୭ତାରିଖ ମଧ୍ୟରାତ୍ରି ଠାରୁ କର୍ଫ୍ୟୁ ଲାଗି ରହିଛି। ଏହି କର୍ଫ୍ୟୁ ବର୍ତମାନ ସ୍ଥିତିରେ ଦିନରେ ସମ୍ପୂର୍ଣ୍ଣ ଭାବେ ଉଠିଯାଇଥିବା ବେଳେ କେବଳ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ବୁଧବାର ଠାରୁ ଟାଉନଥାନା ଅଞ୍ଚଳରେ ସକାଳ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ ହୋଇଥିବା ବେଳେ ପୂର୍ବରୁ ସହଦେବଖୁଂଟା ଥାନା ଅଧିନରେ ସକାଳ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇଥିଲା। ଗୁରୁବାର ମଧ୍ୟ ବୁଧବାର ଭଳି କର୍ଫ୍ୟୁ ସ୍ଥିତି ଲାଗି ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ କରି ପୂର୍ବରୁ ଦିନରେ ଲାଗିଥିବା କର୍ଫ୍ୟୁ ସମ୍ପୂର୍ଣ୍ଣ ଭାବେ କୋହଳ ହୋଇଥିବା ବେଳେ କେବଳ ରାତିରେ ଏହି କର୍ଫ୍ୟୁ ଲାଗିବ ବୋଲି ସୂଚନା ଦିଆଯାଇଛି। ଏହାଛଡା ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ସର୍ବଦଳୀୟ ଶାନ୍ତି କମିଟି ବୈଠକ ହେବା ସହ ମାଇକ୍ରୋ ଶାନ୍ତି କମିଟି ଗଠନ କରାଯାଇ ସହରରେ ଶାନ୍ତି ଫେରାଇ ଅଣାଯିବାକୁ ଚେଷ୍ଟା କରାଯାଉଛି। ଏବେ ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଶାନ୍ତ ରହିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଅନ୍ୟପଟେ ପୁଲିସ ପ୍ରଶାସନ ପକ୍ଷରୁ ପୂର୍ବଭଳି ଆଜି ପର୍ଯ୍ୟନ୍ତ ମୋଟ ୨୪ଟି ମାମଲା ରୁଜୁ ହୋଇଥିବା ବେଳେ ଏଥିରେ ମୋଟ ୯୧ଜଣ ଗିରଫ ହୋଇଛନ୍ତି। ସେହିପରି ଗୋଟିଏ ସାଇବର ମାମଲାରେ ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି।

## ଗରମ ଓ ଗୁଳୁଗୁଳି ଯୋଗୁଁ ଛାତ୍ରଛାତ୍ରୀ ଅସୁସ୍ଥ

ଭୋଗରାଇ, ୨୬।୬ (ସମିସ): ଅସହ୍ୟ ଗୁଳୁଗୁଳି ସମଗ୍ର ଭୋଗରାଇକୁ ଅସ୍ତବ୍ୟସ୍ତ କରିପକାଇଛି। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସକାଳ ୧୦ ଟାରୁ ଅପରାହ୍ନ ୪ଟା ଯାଏ ଶ୍ରେଣୀ ଗୃହରେ ଶିକ୍ଷା ଗ୍ରହଣ କରିବା ଯନ୍ତ୍ରଣା ଦାୟକ ହୋଇ ପଡ଼ିଛି। ଉଭୟ ମାନସିକ ଓ ଶାରୀରିକ ଭାବେ ଛାତ୍ରଛାତ୍ରୀଙ୍କ ଉପରେ ପ୍ରଭାବ ପଡୁଛି। ଆଜି ଏହି ବ୍ଲକର ଜୟରାମପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଶ୍ରେଣୀ ଗୃହରେ ଅନେକ ଛାତ୍ରଛାତ୍ରୀ ସଂଜ୍ଞାହୀନ ଅବସ୍ଥାକୁ ଚାଲିଯାଇଥିବା ଜଣାପଡ଼ିଛି। ଫଳରେ ପିଲାମାନଙ୍କୁ ଶିକ୍ଷକମାନେ ନିକଟସ୍ଥ ଆଶୁ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରିବା ପରେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ଏହି ଘଟଣା ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖା ଯାଇଛି। ସେହିପରି ପାଗ ଅନୁକୂଳ ନ ହେବାଯାଏ ସକାଳୁଆ ସ୍କୁଲ ଘୋଷଣା କରିବା ପାଇଁ ଅଭିଭାବକ ମାନଙ୍କ ପକ୍ଷରୁ ବାଲେଶ୍ୱର ଜିଲ୍ଲାପାଳଙ୍କ ଠାରେ ନିବେଦନ ରଖାଯାଇଛି। ଅନ୍ୟପକ୍ଷରେ ବିହିତ ପଦକ୍ଷେପ ନ ନେଲେ ବିଦ୍ୟାଳୟ ପରିଚାଳନା ପରିଷଦ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ସହରର ଜଳ ନିଷ୍କାସନ ସମସ୍ୟାର ତଦାରଖ କଲେ ବିଧାୟକ

ବାଲେଶ୍ୱର, ୨୬ ।୬(ସମିସ):



ବାଲେଶ୍ୱର ସହରରେ ଦୀର୍ଘ ବର୍ଷ ଧରି ପ୍ରମୁଖ ଭାବେ ଦେଖା ଦେଉଥିବା ବର୍ଷାଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ନିରାକରଣ ପାଇଁ ସଦର ବିଧାୟକ ମାନସ କୁମାର ଦତ୍ତ ପୂର୍ବରୁ ଚିଡିଆ ପୋଲ ନିକଟରେ ମହାନାଳର ପୁନରୁଦ୍ଧାର ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଜି ବିଧାୟକ ଶ୍ରୀ ଦତ୍ତ ପୌରପାଳିକାର ୨୪ନମ୍ବର ୱାର୍ଡ ପରିଦର୍ଶନ କରିବା ସହ ମହାନାଳ ଦେଇ ଜଳ ନିଷ୍କାସନକୁ ନେଇ ଦେଖା ଦେଉଥିବା ସମସ୍ୟା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଠାରୁ ପଚାରି ବୁଝିଥିଲେ। ୨୪ନଂ ୱାର୍ଡରେ ମହାନାଳ ବୁଢାବଳଙ୍ଗ ନଦୀରେ ମିଶୁଥିବା ବେଳେ ସହରର ସମସ୍ତ ଉଦବୃତ୍ତ ଜଳ ସମ୍ପୃକ୍ତ ଅଞ୍ଚଳ ଦେଇ ବୋହିଥାଏ। ଫଳରେ ବର୍ଷା ଦିନେ ମହାନାଳର ବର୍ଷା ଜଳ ବନ୍ୟାର ଆକାର ନେଇଥାଏ। ଦିନକୁ ଦିନ କୂଳ ଖାଇ ମହାନାଳର ଆକାର ବଢ଼ି ଚାଲିଥିବା ବେଳେ ଆଗାମୀ ଦିନରେ ତାହା ଅଧିକ ସମସ୍ୟା ଉପୁଜିବା ପୂର୍ବରୁ ଦୁଇ ପାର୍ଶ୍ୱରେ କଂକ୍ରିଟ ବନ୍ଧ ନିର୍ମାଣର ଆବଶ୍ୟକତା ଉପରେ ସ୍ଥାନୀୟ ବାସିନ୍ଦାମାନେ କହିଥିଲେ। ସେହି ଅନୁସାରେ ପଦକ୍ଷେପ ନେବାକୁ ସେଠାରେ ଉପସ୍ଥିତ ଡ୍ରେନେଜ ବିଭାଗ ଏସଡିଓ ଇରାକ କୁମାର ବେହେରା ଓ ପୌରପାଳିକା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ମିଶ୍ରଙ୍କୁ ସଦର ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ବାଲେଶ୍ୱର ସହରର ଆଖପାଖ ଅଞ୍ଚଳ ଓ ସହର ମଧ୍ୟ ଦେଇ ଯାଉଥିବା ମୋଟ ୬ଟି ମହାନାଳର ସଂସ୍କାର ଯୋଜନା ପାଇଁ ସମ୍ପ୍ରତି ଡିପିଆର ପ୍ରସ୍ତୁତ ହୋଇଥିବା ବେଳେ ୨୪ନମ୍ବର ୱାର୍ଡ ଦେଇ ଯାଇଥିବା ମହାନାଳର ଅଂଶ ସେଥିରେ ସାମିଲ ହୋଇନଥିବା ଜଣାପଡ଼ିବା ପରେ ତୁରନ୍ତ ସମ୍ପୃକ୍ତ ଅଂଶକୁ ଯୋଡିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ଦତ୍ତ କହିଥିଲେ। ବିଭିନ୍ନ ସ୍ଥାନରେ ମହାନାଳ ଅବରୋଧ ହେବାକୁ ନେଇ ଶ୍ରୀ ଦତ୍ତ ଉଦବେଗ ପ୍ରକାଶ ସହ ମହାନାଳ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରଥମେ ଅବରୋଧ ହଟାଇବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ନାଳଗୁଡିକର ସମସ୍ତ କାର୍ଯ୍ୟ କଂକ୍ରିଟ ମାଧ୍ୟମରେ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ମୌସୁମୀ ବାୟୁ ସକ୍ରିୟ ହେଉଥିବା ସୂଚନା ଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ମହାନାଳ ସମେତ ଅନ୍ୟାନ୍ୟ ବଡନାଳ ଗୁଡିକର ସଫେଇ କାର୍ଯ୍ୟ ସାରିବାକୁ ଶ୍ରୀ ଦତ ପୌରପାଳିକା କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଲେଶ୍ୱର ପୋରପାଳିକାର କାଉନସିଲର ନିତ୍ୟଗୋପାଳ ସିଂ, ପୂର୍ବତନ ପୌର ଉପାଧକ୍ଷା ମୌସୁମୀ ଦେବ, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଉମାକାନ୍ତ ଶତପଥୀ, ଅନନ୍ତ ନାୟକ, ଧୀରଜ ମହାନ୍ତି, ଲୋକନାଥ ଭୂୟାଁ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗଣ୍ଡିବେଡ଼ ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଖଇରା, ୨୬।୬ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ନୋଡାଲ ହାଇସ୍କୁଲ ପୁରାତନ ଛାତ୍ର ପରିଷଦ ଆନୁକୂଲ୍ୟରେ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ଓ ମାଟ୍ରିକ ସର୍ବୋଚ୍ଚ ନମ୍ବର ରଖିଥିବା ପିଲାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୁରାତନ ଛାତ୍ର ଅରୁଣ କୁମାର ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପ୍ରଥମେ ଅବସରଗ୍ରହଣ କରିଥିବା ପ୍ରଧାନଶିକ୍ଷକ ପ୍ରମୋଦ ମହାପାତ୍ରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ୫ଶହରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରଛାତ୍ରୀ ତାପସ ବେହେରା, ଯାଜ୍ଞସେନୀ ବେହେରା, କିରଣ କୁମାର ଉପାଧ୍ୟାୟ, ଶୁଭଶ୍ରୀ ଦାସଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ମଦନମୋହନ ମହଲା, ପ୍ରଧାନଶିକ୍ଷକ ସରୋଜ ମଲ୍ଲିକ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପଦ୍ମଲୋଚନ ଜେନା, ମଧୁସୂଦନ ଜେନା, ଶିକ୍ଷକ ତାପସ ଦାସ, ଶିକ୍ଷୟିତ୍ରୀ ରେବତୀ ନାୟକ ନିଜର ବକ୍ତବ୍ୟ ରଖିଥିଲେ। ଅଭିମନ୍ୟୁ ରାଉଳ ମଞ୍ଚ ପରିଚାଳନା କରିଥିଲେ।

ବାଲେଶ୍ୱର ରେଳଷ୍ଟେସନ

# ୩ଟି ପିଲର୍‌ରେ ସୀମିତ ପ୍ଲାଟଫର୍ମର ଦକ୍ଷିଣପଟ ଓଭରବ୍ରିଜ୍ କାମ

ବାଲେଶ୍ୱର, ୨୬।୬(ସମିସ):





ଆଜକୁ ୧୯ ମାସ ଧରି ଦକ୍ଷିଣ ପୂର୍ବ ରେଲୱେ ଡିଭିଜନ ପକ୍ଷରୁ ବାଲେଶ୍ୱର ରେଲୱେ ଷ୍ଟେସନ ପ୍ଲାଟଫର୍ମରେ ଥିବା ଦକ୍ଷିଣପଟ ଓଭରବ୍ରିଜ ନିର୍ମାଣ କରାଯାଉ ଥିଲାବେଳେ ମାତ୍ର ତିନୋଟି ଲୁହା ପିଲରରେ ନିର୍ମାଣ କାର୍ଯ୍ୟ ସୀମିତ ରହିଛି। ବ୍ରିଜର ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ସାରିବାକୁ ଦକ୍ଷ ରେଲୱେ ଯନ୍ତ୍ରୀମାନଙ୍କୁ ଆଉ କେତେମାସ ଲାଗିବ ବୋଲି ଟ୍ରେନ ଯାତ୍ରୀ ମହଲରେ ପ୍ରଶ୍ନ ଉଠୁଛି। ବାଲେଶ୍ୱର ରେଲୱେ ପ୍ଲାଟଫର୍ମର ଦକ୍ଷିଣ ପଟରେ ନୂତନ ଓଭରବ୍ରିଜ ନିର୍ମାଣ କରିବା ପାଇଁ ସେଠାରେ ଥିବା ପୁରୁଣା ଓଭରବ୍ରିଜକୁ ଭାଙ୍ଗି ଦିଆଯାଇ ଥିଲା। ଯାତ୍ରୀମାନେ ପ୍ଲାଟଫର୍ମ ଦୁଇ, ତିନି ଓ ଚାରିକୁ ଯାତାୟାତ କରିବା ଲାଗି ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବାବଦରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ଏବଂ ଯାତ୍ରୀ ମାନଙ୍କ ଅଭିଯୋଗ ହେବା ପରେ ଗତ ଜାନୁଆରୀ ୨୨ତାରିଖ ସୋମବାର ଦିନ ନୂତନ ଓଭରବ୍ରିଜର ମୂଳଦୁଆ କାର୍ଯ୍ୟ ବିଭାଗ ପକ୍ଷରୁ ଆରମ୍ଭ କରାଯାଇ ଥିଲା। ମୂଳଦୁଆ କାର୍ଯ୍ୟ ଆରମ୍ଭ ହେବାପର ଠାରୁ ଛଅ ମାସ ବିତି ଗଲାଣି। ଏହି ଛଅ ମାସ ମଧ୍ୟରେ ସମ୍ପୃକ୍ତ ବିଭାଗ ପକ୍ଷରୁ ମାତ୍ର ତିନୋଟି ଲୌହ ପିଲର ନିର୍ମାଣ କରାଯାଇଛି। ଟ୍ରେନ ଯାତ୍ରୀମାନେ ପ୍ଲାଟଫର୍ମ ଦୁଇ, ତିନି ଓ ଚାରି ନମ୍ବର ପ୍ଲାଟଫର୍ମକୁ ଯିବା ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତ୍ରୀ ମାନଙ୍କ ସୁବିଧା ପାଇଁ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇ ଶୀଘ୍ର ଏହି ଓଭରବ୍ରିଜର ନିର୍ମାଣ କାର୍ଯ୍ୟ ଶେଷ କରିବା କଥା। ମାତ୍ର ଦକ୍ଷିଣ ପୂର୍ବ ରେଲୱେ ଡିଭିଜନର ଅଧିକାରୀ ଓ ଯନ୍ତ୍ରୀ ମାନେ ଟ୍ରେନ ଯାତ୍ରୀମାନଙ୍କ ସମସ୍ୟାର ସମାଧାନ କରିବା କ୍ଷେତ୍ରରେ ଘୋର ଅବହେଳା ପ୍ରଦର୍ଶନ କରୁଥିବାର ଦେଖାଯାଉଛି। ଉଲ୍ଲେଖ ଯୋଗ୍ୟ ଯେ, ବାଲେଶ୍ୱର ରେଲୱେ ପ୍ଲାଟଫର୍ମର ଦକ୍ଷିଣପଟରେ ଥିବା ମୁଖ୍ୟ ଓଭରବ୍ରିଜ ଦଦରା ହୋଇଯାଇଥିଲା। ଏହାକୁ ନୂତନ ଭାବେ ନିର୍ମାଣ କରିବା ଲାଗି ଗତ ୨୦୨୨ ଡିସେମ୍ବର ଠାରୁ ଏହି ଦଦରା ବ୍ରିଜ ଉପରେ ଯାତ୍ରୀ ମାନଙ୍କୁ ଯାତାୟାତ କରିବାକୁ ଦିଆ ଯାଇ ନଥିଲା। ପରେ ଏହି ଦଦରା ବ୍ରିଜକୁ ମେସିନ ଦ୍ୱାରା ବିଭାଗ ପକ୍ଷରୁ ଭାଙ୍ଗି ଦିଆଯାଇ ଥିଲା। ହେଲେ ମାସ ପରେ ମାସ ବିତିଯାଇ ଥିଲେ ମଧ୍ୟ ବିଭାଗ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିଲା। ଯାତ୍ରୀମାନେ ଦୁଇ ଓ ତିନି ନମ୍ବର ପ୍ଲାଟଫର୍ମକୁ ଯିବା ପାଇଁ ପ୍ଲାଟଫର୍ମର ଉତ୍ତର ପଟ ଓଭରବ୍ରିଜକୁ ବ୍ୟବହାର କରୁଛନ୍ତି। ତେବେ ଉତ୍ତରପଟ ଓଭରବ୍ରିଜଟି ପ୍ଲାଟଫର୍ମର ମୁଖ୍ୟ ପ୍ରବେଶ ପଥ ଠାରୁ ଦୁଇ ଶହ ମିଟର ଦୂରରେ ଅବସ୍ଥିତ। ଯାତ୍ରୀ ମାନେ ଅସୁବିଧାର ସମ୍ମୁଖୀନ ହେଇ ଉତ୍ତରପଟ ବ୍ରିଜ ଉପରେ ଚଢ଼ି ଦୁଇ, ତିନି ଓ ଚାରି ନମ୍ବର ପ୍ଲାଟଫର୍ମକୁ ଯାଉଛନ୍ତି। ବିଶେଷ କରି ବୃଦ୍ଧବୃଦ୍ଧା ଓ ଅସୁସ୍ଥ ଲୋକ ମାନଙ୍କୁ ଉତ୍ତର ପଟ ବ୍ରିଜ ପାଖକୁ ଯିବା ପାଇଁ ଅତ୍ୟନ୍ତ କଷ୍ଟକର ହେଉଛି। ନୂତନ ବ୍ରିଜ ନିର୍ମାଣରେ ବିଭାଗ ପକ୍ଷରୁ ଅହେତୁକ ବିଳମ୍ବ ହେଉଥିବା ଯୋଗୁଁ ଗଣ ମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଥିଲା। ପରେ ଗତ ଜାନୁଆରୀ ୨୨ ତାରିଖ ସୋମବାର ଦିନ ପ୍ଲାଟଫର୍ମର ଦକ୍ଷିଣ ପଟରେ ନୂତନ ଓଭରବ୍ରିଜର ମୂଳଦୁଆ କାର୍ଯ୍ୟ ଆରମ୍ଭ କରାଯାଇ ଥିଲା। ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଏହି

**● ୧୯ ମାସ ବିତିଲାଣି, ଆଉ କେତେ ମାସ ଲାଗିବ**

ନୂତନ ଓଭରବ୍ରିଜର ଲମ୍ବ ୫୦ମିଟର ଏବଂ ଓସାର (ପ୍ରସ୍ଥ)୩.୦୫ ମିଟର ହେବ ବୋଲି ଜଣାଯାଇଛି। ଏହାର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ ହେବ ବୋଲି ଷ୍ଟେସନ ମ୍ୟାନେଜର ରମେଶ ବେରା କହିଥିଲେ। ତେବେ ଏହି ନୂତନ ବ୍ରିଜ ନିର୍ମାଣର ଅବଧି ସମୟ ଶେଷ ହେଇଯାଇ ଥିଲେ ବି, କାର୍ଯ୍ୟ ଆରମ୍ଭ କରିବା ପାଇଁ ରେଲୱେ ବିଭାଗକୁ ୧୩ମାସ ସମୟ ଲାଗିଲା। ଏହା ମଧ୍ୟରେ ଛଅ ମାସ ବିତି ଯାଇଥିଲା ବେଳେ ବ୍ରିଜର ମାତ୍ର ତିନୋଟି ଲୁହା ପିଲର ନିର୍ମାଣ ହୋଇଛି। ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ବିଭାଗକୁ ଆଉ କେତେ ମାସ ସମୟ ଲାଗିବ, ତାହା ଜନସାଧାରଣଙ୍କୁ ଦେଖିବାକୁ ବାକି ରହିଲା।

## ୩୦ରେ ଦୀନକୃଷ୍ଣ ସ୍ମୃତି ପରିଷଦର ବାର୍ଷିକ ଉତ୍ସବ

ଜଳେଶ୍ୱର ବ୍ଲକ, ୨୬।୬ (ସମିସ) : ୨୦୨୪ ମସିହାରେ ନିର୍ବାଚନ କେତେକ ଅଂକୁଶ ଥିବାରୁ ଦୀନକୃଷ୍ଣ ସ୍ମୃତି ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ପାରିନଥିଲା। ସ୍ମୃତି କମିଟିର ବରିଷ୍ଠ ସଦସ୍ୟ, ସଦସ୍ୟା ଓ କାର୍ଯ୍ୟକାରୀ କମିଟିର ସିଦ୍ଧାନ୍ତ ଅନୁଯାୟୀ ଚଳିତ ଜୁନମାସ ୩୦ ତାରିଖରେ ସବୁବର୍ଷ ପରି ମୁଣ୍ଡୁଣିଆ ଗାଁର କବିଡିହରେ ୪୫ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବା ସ୍ଥିର ହୋଇଛି। ଏଥିରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ବ୍ରଜଗୋପାଳ ମହାନ୍ତିଙ୍କୁ ମର୍ଯ୍ୟାଦାଜନକ ଦୀନକୃଷ୍ଣ ସମ୍ମାନ ପ୍ରଦାନ କରାଯିବାର ସିଦ୍ଧାନ୍ତ ସମ୍ପର୍କରେ କମିଟିର ପ୍ରତିଷ୍ଠାତା ସମ୍ପାଦକ ପ୍ରଫେସରୀ ବିପିନ ବିହାରୀ ବିଶ୍ୱାଳ ସୂଚନା ଦେଇଛନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ଦୀନକୃଷ୍ଣ ସ୍ମୃତି ପରିଷଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଦୀନକୃଷ୍ଣ ଜୟନ୍ତୀ ପାଳିତ ହେବ। ଏଥିରେ ପଶ୍ଚିମବଙ୍ଗ ଓ ଓଡ଼ିଶାର ବହୁ ବିଶିଷ୍ଟ ସାହିତ୍ୟିକ, କଳାକାର, ଶିକ୍ଷାବିତ୍, ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

**ବ୍ରଜଗୋପାଳ ମହାନ୍ତିଙ୍କୁ ମିଳିବ ଦୀନକୃଷ୍ଣ ସମ୍ମାନ**

ଏଥିରେ ରାଜ୍ୟ ଓ ରାଜ୍ୟବାହାରୁ ବହୁ ସାରସ୍ୱତ ସାଧକଙ୍କୁ ଯୋଗଦେବାକୁ ଆମନ୍ତ୍ରଣ କରାଯାଇଛି। ଅବହେଳିତ କବିଡିହର ବିକାଶ ଲାଗି ନିକଟରେ ସଂସ୍କୃତି ବିଭାଗ ପକ୍ଷରୁ ଭକ୍ତକବିଙ୍କ ପୂର୍ଣ୍ଣଅବୟବ ମୂର୍ତ୍ତି ପ୍ରତିଷ୍ଠା, ଲାଇବ୍ରେରୀ ନିର୍ମାଣ ହେବା ସହିତ ସ୍ଥାନର ବିକାଶ ଲାଗି ଅର୍ଥ ମଞ୍ଜୁର ହୋଇଥିବା ସମ୍ପର୍କରେ କୁହାଯାଇଛି। କିନ୍ତୁ ଦୁଃଖର ବିଷୟ କବିପୀଠକୁ ବସ୍ ଚଳାଚଳ ନ ହେବା, ପୀଠର ସୌନ୍ଦର୍ଯ୍ୟ କରଣ ହୋଇପାରିନଥିବାରୁ କ୍ଷୋଭ ପ୍ରକାଶ ପାଇଛି। ବିଶିଷ୍ଟ ଶିଶୁ ସାହିତ୍ୟିକ ଓ ଗବେଷକ ଡ. ବ୍ରଜଗୋପାଳ ମହାନ୍ତି ଚଳିତବର୍ଷର ଦୀନକୃଷ୍ଣ ସମ୍ମାନ ଲଭ କରିବାକୁ ଯାଉଥିବା ସମ୍ପର୍କରେ ସଭାପତି ଡ. ରମାକାନ୍ତ ଭଞ୍ଜ, କାର୍ଯ୍ୟକାରୀ ସଭାପତି କବି ବ୍ରଜେନ୍ଦ୍ର ନାଥ ଗିରି, ସମ୍ପାଦକ ବିପିନ ବିହାରୀ ବିଶ୍ୱାଳ, ଉପସଭାପତି ଡ. ଅଜିତ୍ କୁମାର ମହାନ୍ତି ପ୍ରମୁଖ କହିଛନ୍ତି। ବରେଣ୍ୟ ଅତିଥିଭାବେ ପଶ୍ଚିମ ବଂଗର ଗୋପାଳ ବସୁ, ହରିହର ପାଣିଗ୍ରାହୀ. ଡ. ଭାଗବତ ବେହେରା, ଡ. ବିବେକାନନ୍ଦ ସାହୁ, ଅଧ୍ୟାପକ ଦୟାନିଧି ସାହୁ, ବିଜୟ କୁମାର ଘୋଷ ପ୍ରମୁଖ ଯୋଗଦେବା ସହିତ ସମକାଳୀନ ସାହିତ୍ୟ-୪୩ ଉନ୍ମୋଚନ ହେବ ବୋଲି କୁହାଯାଇଛି।

## ଶ୍ରେଣୀଗୃହରେ ଅଚେତ ହେଲେ ଶିକ୍ଷକ

ଚୌକି, ୨୬।୬(ସମିସ) : ଅସହ୍ୟ ଗରମ ଓ ଗୁଳୁଗୁଳି ସତ୍ତ୍ୱେ ପିଲାଙ୍କୁ ପାଠ ପଢ଼ାଉଥିବା ଜଣେ ଶିକ୍ଷକ ଶ୍ରେଣୀଗୃହରେ ଅଚେତ ହୋଇ ପଡ଼ିଛନ୍ତି। ବିଦ୍ୟାଳୟର ଅନ୍ୟ ଶିକ୍ଷକ ମାନେ ତାଙ୍କୁ ଚନ୍ଦନେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସିତ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ଭୋଗରାଇର ଦକ୍ଷିଣ ତେଘରି ଲକ୍ଷ୍ମୀକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, ଶ୍ୟାମାନନ୍ଦପୁରରେ। ଅସୁସ୍ଥ ଶିକ୍ଷକ ହେଲେ ଆଲୋକ କୁମାର ମହାରଣା। ମିଳିଥିବା ସୂଚନା ଅନୁଯାୟୀ, ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏଭଳି ପରିସ୍ଥିତିରେ ସରକାର ବିଦ୍ୟାଳୟ ସବୁ ଖୋଲା ରଖିବା ସହ ସକାଳ ୧୦ଟାରୁ ୪ଟା ପର୍ଯ୍ୟନ୍ତ ପାଠପଢ଼ା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଦକ୍ଷିଣ



ତେଘରିର ଶିକ୍ଷକ ଆଲୋକ କୁମାର ମହାରଣା ବୁଧବାର ଅପରାହ୍ନ ପ୍ରାୟ ୩ଟା ବେଳେ ନବମ ଶ୍ରେଣୀରେ ପାଠ ପଢ଼ାଉ ଥିବା ବେଳେ ମୁଣ୍ଡ ବୁଲାଇ ତଳେ ପଡ଼ି ଯାଇ ଥିଲେ। ଏହାଦେଖି ପିଲାମାନେ ଭୟଭୀତ ହୋଇ ଚିତ୍କାର କରି ଅନ୍ୟ ଶିକ୍ଷକମାନଙ୍କୁ ଡାକିଥିଲେ। ପ୍ରଧାନ ଶିକ୍ଷକ ଗୌରଗୋପାଳ ପ୍ରଧାନ, ସହକାରୀ ଶିକ୍ଷକ ଜୟକୃଷ୍ଣ ଆଇଚ ପ୍ରମୁଖ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଚନ୍ଦନେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏଭଳି ଅସହ୍ୟ ଗରମ ଓ ଗୁଳଗୁଳି ପାଇଁ ବିଦ୍ୟାଳୟ ସକାଳୁଆ ନ ହେଲେ ଛୁଟି ପକାଇବାକୁ ଅଭିଭାବକମାନେ ସ୍ୱର ଉଠାଇଛନ୍ତି।

## ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ



ଖଇରା, ୨୬।୬ (ସମିସ): ଖଇରା ବ୍ଲକ ଅଧିନ ରୁସ୍ତମପୁରସ୍ଥିତ ଗୋବିନ୍ଦଜୀଉ ଉଚ୍ଚ ବିଦ୍ୟାପୀଠରେ ମଙ୍ଗଳବାର ଦିନ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ଦାସଙ୍କ ପୌରୋହିତ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବ୍ଲକ ଟପ୍ପର ହୋଇଥିବା ଗୋବିନ୍ଦଜୀଉ ବିଦ୍ୟାଳୟର ଛାତ୍ର ସୁଶାନ୍ତ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅନ୍ୟତମ ଏ-୧ଯୋଗ୍ୟତା ସମ୍ପର୍ଣ୍ଣ ଛାତ୍ରୀ କ୍ରୀଷ୍ଟା ନାୟକ ଓ ହିମାନୀ ହିମେଶ୍ୱରୀ ସ୍ୱାଇଁଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଯୁବନେତା ନୀଳମାଧବ ପଣ୍ଡା, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ସମିତିସଭ୍ୟ ଅଜିତ କୁମାର ଦାସ, ପ୍ରତିଷ୍ଠାତା ଅନାମ ଚରଣ ନାୟକ, ବ୍ରଜସୁନ୍ଦର ଦାସ, ପ୍ରଭାତ କୁମାର ଦାସ, ଶାନ୍ତି ଦାସ, ରଘୁନାଥ ଜେନା, ହରେକୃଷ୍ଣ ସାହୁ, ଭାଗିରଥି ଖଟୁଆ, ଅପର୍ତ୍ତି ଚରଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପୁରାତନ ଛାତ୍ର ରମେଶ ରଣା ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ସଂସ୍କୃତ ଶିକ୍ଷକ ଭଗବାନ ପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରାତନ ଶିକ୍ଷକ, ଛାତ୍ରୀ, ଗ୍ରାମବାସୀ ବହୁସଂଖ୍ୟାରେ ଯୋଗ ଦେଇଥିଲେ।

## ଚୋରା କରତକଳ ଯନ୍ତ୍ରାଂଶ ଓ କାଠଗଣ୍ଡି ଜବତ

ନୀଳଗିରି, ୨୬।୬(ସମିସ): ନୀଳଗିରି ବନ ବିଭାଗ ଦ୍ୱାରା ଚୋରା କରତ କଳ ଯନ୍ତ୍ରାଂଶ ଓ କାଠଗଣ୍ଡି ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ବିବରଣୀ ଅନୁଯାଇ ଗତ ମଙ୍ଗଳବାର ରାତ୍ରି ୮.୩୦ରେ ପାଳକଟା (ମଧୁତୁରିଆ) ଗ୍ରାମଠାରେ ବେଆଇନ ଭାବେ ଚାଲୁଥିବା ଏକ କରତ କଳ ଉପରେ ନୀଳଗିରି ବନ ବିଭାଗର କର୍ମଚାରୀ ମାନେ ଚଢଉ କରିଥିଲେ। କରତକଳରେ ବ୍ୟବହୃତ ଯନ୍ତ୍ରାଂଶ ଏବଂ କାଠ ଗଣ୍ଡି ଜବତ କରାଯାଇ ଥିଲା। ଏହି ଚଢ଼ଉରେ ନୀଳଗିରି ରେଞ୍ଜର ଅଇଶା ଏ. ନିଶା, ସଜନାଗଡ଼ ବନପାଳ ସରୋଜ କୁମାର ପ୍ରଧାନ, ସଜନାଗଡ଼ ଓ ମିତ୍ରପୁର ବନରକ୍ଷୀ ମାନେ ସାମିଲ ଥିଲେ। ଚଢଉ ବେଳେ କୌଣସି ଆସାମୀ ଉପସ୍ଥିତ ନ ଥିଲେ। ଜବତ ହୋଇଥିବା ଯନ୍ତ୍ରାଂଶ ଓ କାଠ ଗୁଡିକୁ ଜାମୁଡିହା ନର୍ସରୀକୁ ଅଣାଯାଇଛି। ଘଟଣାର ତଦନ୍ତ ଜାରି ରହିଛି।

## ପୂର୍ବତନ ସରପଞ୍ଚଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ବିଧାୟିକା



ବାଲିଆପାଳ, ୨୬।୬(ସମିସ): ବାଲିଆପାଳ ବ୍ଲକ ବେତଗଡ଼ିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ନାରାୟଣପୁର ଗ୍ରାମର ସ୍ୱର୍ଗତ ପରମାନନ୍ଦ ବାଡ଼ିଙ୍କ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ପାଳିତ ହୋଇଯାଇଛି। ତାଙ୍କ ବାସଭବନରେ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆୟୋଜିତ ମହୋତ୍ସବରେ ବସ୍ତା ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ପ୍ରଥମ ମହିଳା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ପୂର୍ବତନ ସରପଞ୍ଚ ସ୍ୱର୍ଗତଃ ପରମାନନ୍ଦ ବାଡ଼ିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେତଗଡ଼ିଆ ପଞ୍ଚାୟତର ସରପଞ୍ଚ ସୁମିତ୍ରା ଗିରି, ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ ଗିରି, ପଞ୍ଚାୟତର ସଭାପତି ଜୀବନ କୃଷ୍ଣ ନାୟକ, ବିପିନ୍ ସାମନ୍ତରାୟ ପ୍ରମୁଖ ବହୁ ବ୍ୟକ୍ତି, ଗ୍ରାମବାସୀ, ପରିବାର ବର୍ଗ ଏବଂ ବନ୍ଧୁବାନ୍ଧବ ଉପସ୍ଥିତ ହୋଇ ସ୍ୱର୍ଗତଃ ବାଡ଼ିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଜଳେଶ୍ୱରର ବିଭିନ୍ନ ପଞ୍ଚାୟତରେ ୧୯ ଜିଆର୍‌ଏସ୍ ନିଯୁକ୍ତ

ଜଳେଶ୍ୱର ବ୍ଲକ, ୨୬।୬ (ସମିସ) : ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବାଲେଶ୍ୱର ଜିଲାପାଳଙ୍କ ଚିଠି ନଂ ୪୬୧ ତା ୭-୧-୨୦୨୨ଅନୁଯାୟୀ ଜିଆର୍‌ଏସ୍ ମାନଙ୍କୁ ରେଗୁଲାର କରିଥିବା ବେଳେ ଜଳେଶ୍ୱରରେ ନିଯୁକ୍ତ ୧୯ ଜିଆର୍‌ଏସ୍‌ଙ୍କୁ ଭୋଗରାଇର ବ୍ଲକର ବିଭିନ୍ନ ପଞ୍ଚାୟତରେ ନିଯୁକ୍ତ କରାଯାଇଥିଲା। ଜଳେଶ୍ୱରରେ ୧୯ଟି ଜିଆର୍‌ଏସ୍ ପଦବୀ ଖାଲି ପଡ଼ିଥିବାରୁ ଭୋଗରାଇରୁ ୧୯ ଜଣ ଜିଆର୍‌ଏସ୍‌ଙ୍କୁ ଜଳେଶ୍ୱର ବଦଳି କରାଯାଇଛି। ଜଳେଶ୍ୱର ବିଡିଓଙ୍କ ଚିଠି ନଂ ୩୧୦୨ ତା ୨୬-୬-୨୦୨୪ ଅନୁଯାୟୀ ଓଲମରା ଓ ମାକିଡିଆ ପଞ୍ଚାୟତ ପାଇଁ ସୁଶାନ୍ତ ବେହେରା, ଡିପିପୁର ଓ କେଏମ୍‌ସାହି ପାଇଁ ପ୍ରଫୁଲ୍ଲ ବେହେରା, ବରଡିହା ଓ ଖୁଆଡ ପାଇଁ ପ୍ରଭାସ ପଣ୍ଡା, ଝାଡପିମ୍ପଳ ଓ ପଶ୍ଚିମବାର୍ଡ ପାଇଁ ଶୁଭ୍ରାଂଶୁ ଶେଖର ଦେ, ନାମ୍ପୋ ଓ ସୁଗୋ ପଞ୍ଚାୟତ ଲାଗି ହରେନ୍ଦ୍ର ମହାନ୍ତି, ନଛିମପୁର ଓ କୋଟସାହି ପଞ୍ଚାୟତ ଲାଗି ନିମାଇଁଚରଣ ମହାନ୍ତି, ମହମ୍ମଦନଗର ପାଟଣା ଓ ଗଡ଼ସାହି ବାଲିଆପାଳ ପାଇଁ ପ୍ରଦୀପ ସାହୁ, ସର୍ଦ୍ଧାର ବନ୍ଧ ଓ ଶ୍ୟାମନଗର ପାଇଁ କନାଇଲାଲ ଦାସ, ଖୁଲୁଡା ପଞ୍ଚାୟତ ଲାଗି ଦିଲ୍ଲୀପ ପ୍ରଧାନ, ଶିଖରପୁର, ଶ୍ରୀରାମପୁର ପଞ୍ଚାୟତ ଲାଗି ସଞ୍ଜୟ ପ୍ରଧାନ, ଗୋପିମୋହନପୁର ଓ ବାଇଗଣବାଡିଆ ଲାଗି ସୂର୍ଯ୍ୟକାନ୍ତ ପରିଡ଼ା, ଲକ୍ଷ୍ମଣନାଥ ଓ ଗୋବରଘଟା ଲାଗି ଶାନ୍ତିବାଳା ସାହୁ, ଖାଲିନା ପଞ୍ଚାୟତ ଲାଗି ଗାୟତ୍ରୀ ପ୍ରଧାନ, ଆରୁହା ଓ ବର୍ତ୍ତନା ପଞ୍ଚାୟତ ଲାଗି ବିନୋଦ ବେହେରା, କଳମା ଓ ରାଇବଣିଆ ପଞ୍ଚାୟତ ଲାଗି ତପନ କୁମାର ଦାସ, ରାଜପୁର ପଞ୍ଚାୟତରେ ପୁଷ୍ପାଞ୍ଜଳି ମାହାନା, ନେତୁଆ ଓ ସମ୍ପତିଆ ପଞ୍ଚାୟତ ଲାଗି ରାନୁଶ୍ରୀ ଚନ୍ଦ ଓ ଆର୍‌ଆର୍‌ପୁର ଓ ପାଇକସିଦା ପଞ୍ଚାୟତ ଲାଗି ମାସନ ରଞ୍ଜନ ଜେନଙ୍କୁ ନିଯୁକ୍ତ କରାଯାଇଛି। ଫଳରେ ବ୍ଲକରେ ସମସ୍ତ ପଞ୍ଚାୟତରେ ଜିଆରଏସ୍‌ର ଅଭାବ ପୂରଣ ହୋଇପାରିଥିବା ଜଣାଯାଇଛି।






# ୫ ଦଫା ଦାବିରେ ନିର୍ଭେରାମ ଖଣି ସମ୍ମୁଖରେ ଧାରଣା

ଯୋଡା/ବଡ଼ବିଲ,୨୬।୬(ସମିସ)




ଯୋଡା ବ୍ଲକ ଟଣ୍ଡୋସ୍ଥିତ ନର୍ଭେରାମ ପାୱାର ଏଣ୍ଡ ଷ୍ଟିଲ ପ୍ରାଃ ଲିଃ ଖଣି ମୁଖ୍ୟ ଫାଟକ ସମ୍ମୁଖରେ ୫ ଦଫା ଦାବି ନେଇ ଭଦ୍ରାସାହି ଓ ସେରେଣ୍ଡା ପଞ୍ଚାୟତର ଅଧିବାସୀ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ବେକାର ଯୁବକ, ଯୁବତୀମାନଙ୍କୁ ସ୍ଥାନୀୟ ନିଯୁକ୍ତି ପ୍ରଦାନ, ଲୁହାପଥର ପରିବହନରେ ଅଗ୍ରାଧିକାର, ୨ଟି ପଞ୍ଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ କରିବା ସହ ସ୍ଥାନୀୟ ଠିକା ଶ୍ରମିକମାନଙ୍କୁ ସ୍ଥାନୀୟ ନିଯୁକ୍ତି ପ୍ରଦାନ ଦାବିରେ ଏହି ଧାରଣା ଜାରି ରହିଥିବା ଜଣାପଡିଛି। ଦାବି ପୂରଣ ନହେଲେ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ଦୀର୍ଘ ଦିନ ହେବ ଏହି ଖଣି କମ୍ପାନୀ ଏହି ଅଞ୍ଚଳରେ ଖଣି କାର୍ଯ୍ୟ କରି କୋଟି କୋଟି ଟଙ୍କା ମୁନାଫା କରୁଥିବା ବେଳେ ସ୍ଥାନୀୟ ଲୋକଙ୍କୁ ଅଣଦେଖା କରିଆସୁଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ନର୍ଭେରାମ କମ୍ପାନୀର ଉପସଭାପତି ସଦାନନ୍ଦ ରଣା ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସେମାନେ ସର୍ବଦା ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଦେଇଆସିଛନ୍ତି। ନିଯୁକ୍ତି ଏବଂ ପରିବହନ କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯାଉଛି। ପାରିପାଶ୍ୱରିକ ଉନ୍ନୟନ କାର୍ଯ୍ୟ ଖଣି ପ୍ରଭାବିତ ଅଞ୍ଚଳରେ ଯଥାରୀତି କରାଯାଇଆସୁଛି। ତେବେ ସ୍ଥାନୀୟ ବାସିନ୍ଦାଙ୍କୁ ଆମେ ବିଶେଷ ଆଲୋଚନା ନିମନ୍ତେ ତାରିଖ ଧାର୍ଯ୍ୟ କରିଥିଲେ ମଧ ଏହାକୁ ଅପେକ୍ଷା ନକରି ବେଆଇନ ଭାବେ ଏହି ଆନ୍ଦୋଳନ କରାଯାଉଛି। ଏହି ଆନ୍ଦୋଳନର ଅର୍ଜୁନ ସାଣ୍ଡିଲ, ପୀତବାସ ମହାକୁଡ, ସୁନିଲ ଦାସ, ଅରବିନ୍ଦ ମହାକୁଡ, ପୂର୍ଣ୍ଣଚନ୍ଦ୍ର ମହାକୁଡ, ସଞ୍ଜିବ କୁମାର ବାରିକ, ହୃଦାନନ୍ଦ ପଲେଇ, ଅର୍ଜୁନ ଦାସ, ଗଣେଷ ଚନ୍ଦ୍ର ପଲେଇ, କସ୍ତୁରି ଓରାମ, ଅଙ୍କିତା ଉପାଧ୍ୟାୟ,ବବୁଲୁ ଦତ୍ତ, ଭାଗିରଥୀ ବାରିକ,ନରୋତ୍ତମ ନାଏକ, ସୁବାସିନୀ ମହାକୁଡ଼,ପ୍ରଫୁଲ ବାରିକ, ମିନା ଓରାମ, ଶକୁନ୍ତଳା ପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।

# ହାତୀପଲ ଭାଙ୍ଗିଲେ ୩ ଘର, ଖାଇଗଲେ ଧାନ ଚାଉଳ



**ତୁରୁମୁଙ୍ଗା,୨୬।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ୍ ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ୨୭ ଟିକିଆ ଝାଡ଼ଖଣ୍ଡୀ ହାତୀପଲ ଉପଦ୍ରବ ଚଳାଇ ଘରଦ୍ୱାର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିବା ସହ ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ହାତୀପଲ ମାଛଗଡ଼ ନର୍ଥ ବିଟ ଗୟଳକୁଣ୍ଡ ଗ୍ରାମର ଗୌର ବିରୁଆ, ଗୋବିନ୍ଦ ମୁଣ୍ଡା ଓ ମାଛୁଆ ମୁଣ୍ଡାଙ୍କ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ବ୍ରାହ୍ମଣୀବେଡାର ବାସୁଦେବ ମହାନ୍ତ ଝରକା ଭାଙ୍ଗିବା ସହ ଗୋରାଣ୍ଡିଯୋଡି ବିଟ୍ ଶଙ୍ଖୁଆ ଗ୍ରାମର ଗିରିଧାରୀ ମହାନ୍ତଙ୍କ ପାଚେରି ଭାଙ୍ଗି ପନିପରିବା ଚାଷ ଏବଂ ଅଞ୍ଚଳରେ ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି ଗାଁ ନିକଟରେ ହାତୀପଲ ରହୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ହାତୀପଲଙ୍କ ଉପରେ ନଜର ରଖିଛି।

## ଆନନ୍ଦପୁର ବାଲିଘାଟ ତଦନ୍ତ ବାଟବଣା

# କାହା ଚାପରେ ଚାପି ହୋଇଯାଇଛି ଖଣି ବିଭାଗ

**ଆନନ୍ଦପୁର, ୨୬।୬(ସମିସ):** ବୈତରଣୀ ନଦୀର ଆନନ୍ଦପୁର ବାଲିଘାଟରୁ ମାତ୍ରାଧିକ ବାଲି ପରିବହନକୁ ନେଇ ହୋଇଥିବା ଅଭିଯୋଗର ତଦନ୍ତକୁ ସପ୍ତାହେ ବିତିଯାଇଥିବା ବେଳେ ଏହା ଶୀତଳ ଭଣ୍ଡାରକୁ ଚାଲିଯାଇଥିବା ଅନୁମାନ ହୋଇଛି। ରାଜ୍ୟ ପ୍ରଦୂଷଣ ବୋର୍ଡ, ଖଣି ବିଭାଗ, ରାଜସ୍ୱ ବିଭାଗ ଓ ଜଳସମ୍ପଦ ବିଭାଗର ମିଳିତ ତଦନ୍ତ କରାଯାଇଥିଲା। ତଦନ୍ତ ବେଳେ ଆବଶ୍ୟକତାଠାରୁ ଅଧିକ ପରିମାଣର ବାଲି ଉତ୍ତୋଳନ କରାଯାଇଥିବା ତଦନ୍ତକାରୀ ଅଧିକାରୀମାନେ ଜାଣି ପାରିଥିଲେ।



କାର୍ଯ୍ୟାନୁଷ୍ଠାନସ୍ୱରୂପ ସେମାନଙ୍କୁ ଜରିମାନା କରାଯିବାକୁ ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଥିବା ବେଳେ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅପରପକ୍ଷରେ ଏହି ଜରିମାନା ପରିମାଣକୁ ଯଥେଷ୍ଟ କମ ପରିମାଣରେ କରିବା ଓ ତଦନ୍ତକୁ ବାଟବଣା କରିବା ପାଇଁ ବହୁ ଚାପ ପ୍ରୟୋଗ କରାଯାଉଥିବା ସାଧାରଣରେ ଆଲୋଚିତ ହେଉଛି। ଏନେଇ ଖଣି ବିଭାଗର ଆନନ୍ଦପୁର ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଆଇନ ଅନୁଯାୟୀ ଉଚିତ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଖଣି ବିଭାଗ ଅଧିକାରୀଙ୍କ ସମ୍ପୃକ୍ତି ନେଇ ସାମାଜିକ ଗଣମାଧ୍ୟମରେ ସଙ୍ଗୀନ ଅଭିଯୋଗ ଘୁରି ବୁଲୁଥିବା ବେଳେ ଏହି ଘଟଣା ସର୍ବତ୍ର ଆଲୋଚନାର ବିଷୟ ହୋଇଛି। ଆନନ୍ଦପୁର ରିଙ୍ଗରୋଡରେ ବାଲିବୋଝେଇ ଗାଡି ଓ ଭାରିଯାନ ଚଳାଚଳ ଯୋଗୁ ବୈତରଣୀ ବନ୍ୟା ସୁରକ୍ଷା ବନ୍ଧ ଓ ଆନନ୍ଦପୁର ବ୍ୟାରେଜ ପ୍ରତି ବିପଦ ସୃଷ୍ଟି ହେଉଥିବା ଜଳସମ୍ପଦ ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଇଥିଲେ ମଧ ଜିଲ୍ଲା ପ୍ରଶାସନ ଏଥି ପ୍ରତି ଗୁରୁତ୍ୱ ଦେଉନଥିବା ଘଟଣା ଆନନ୍ଦପୁର ଅଞ୍ଚଳବାସୀଙ୍କ ଧନଜୀବନ ସହିତ ଖେଳଖେଳିବା ସଦୃଶ ହୋଇଛି। ଅପରପକ୍ଷରେ ଏହି ମାତ୍ରାଧିକ ପରିମାଣର ବାଲି ବୋଝେଇ ଗାଡି ଦୁର୍ବଳ ବୈତରଣୀ ସେତୁ ଉପରେ ଚଳାଚଳ କରୁଥିବାରୁ ବୈତରଣୀ ସେତୁକୁ ବିପଦ ଘନଉଥିବା ଅଭିଯୋଗ ହୋଇଛି।

# ଖଣି ଅଞ୍ଚଳ ଅସାମାଜିକଙ୍କ ଉପରେ ପୁଲିସର ନଜର

## ଟ୍ରକ ଚାଳକଙ୍କୁ ମରଣାନ୍ତକ ଆକ୍ରମଣ ଓ ଲୁଟ ଘଟଣାରେ ୨ ଡକାୟତ ଗିରଫ, ମାରଣାସ୍ତ୍ର ଜବତ

**ଯୋଡା,,୨୬।୬(ସମିସ):** କିଛି ଦିନ ଧରି ଯୋଡା-ବଡବିଲ ଖଣି ଅଞ୍ଚଳରେ ଅସାମାଜିକଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏହାକୁ ନଜରରେ ରଖି କେନ୍ଦୁଝର ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଖଣି ଅଞ୍ଚଳ ପୁଲିସ ଏବେ ସକ୍ରିୟ ହୋଇଉଠିଛି। ଯୋଡା ଥାନା ବାଂଶପାଣି ଠାରେ ଏକ ଟ୍ରକ ଚାଳକଙ୍କୁ ଗତ ୨୧ ତାରିଖରେ ମାରଣାସ୍ତ୍ର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରି ତାଙ୍କଠାରୁ କିଛି ଟଙ୍କା ଲୁଟ କରିନେଇଥିବା ଘଟଣାରେ ପୁଲିସ ୨ଜଣ ଡକାୟତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବା ଜଣାପଡିଛି। ସେମାନଙ୍କଠାରୁ ଘଟଣାରେ ବ୍ୟବହୃତ ଛୁରି, ଲୁହା ରଡ ଏବଂ ନଗଦ ୨୧ଶହ ଟଙ୍କା ପୁଲିସ ଜବତ କରିଛି। ଗତ ଶୁକ୍ରବାର ମଧ ରାତ୍ରିରେ ଟ୍ରକ ଚାଳକ ଏମ୍.ଡି. ଏଜାଜ ଅନସାରି ବାଂଶପାଣି ସାଇଡିଂରେ ଲୁହାପଥର ଖଲାସ କରି ରାସ୍ତା କଡରେ ଗାଡି ରଖି ବିଶ୍ରାମ କରୁଥିବା ବେଳେ ୪ରୁ ୫ଜଣ ଦୁର୍ବୃତ୍ତ ହାତରେ ଭୁଜାଲି, ଲୁହା ରଡ ଓ କାଠ ଫାଳିଆ ଆଦି ମାରଣାସ୍ତ୍ର ଧରି ଚାଳକଙ୍କଠାରୁ ଲୁଟ ଉଦ୍ୟମ କରିଥିଲେ।



ଏଥିରେ ଚାଳକ ଅନସାରି ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ଅନସାରିଙ୍କ ମୁଣ୍ଡ ଓ କାନ ମୂଳରେ ଗଭୀର କ୍ଷତ ହୋଇ ସେ ରକ୍ତ ଜୁଡୁବୁଡୁ ହୋଇପଡିଥିଲେ। ଏହି ସମୟରେ ତାଙ୍କ ପକେଟରେ ଥିବା ନଗଦ ୧୨ ହଜାର ଟଙ୍କା ଏବଂ ମୋବାଇଲ ଫୋନ ଲୁଟିନେଇଥିଲେ। ପରେ ତାଙ୍କୁ ଚିକିତ୍ସା ନିମନ୍ତେ ନିକଟସ୍ଥ ଟାଟା ଡାକ୍ତରଖାନାକୁ ନିଆଯାଇ ତାଙ୍କର ଚିକିତ୍ସା କରାଯାଇଥିଲା। ଏ ନେଇ ଯୋଡା ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ କରି ବାଂଶପାଣି ଅଞ୍ଚଳରୁ ପଙ୍କଜ ଗୁପ୍ତା (୨୪) ଓ ରଘୁ ପୋଥାଳ (୧୯)ଙ୍କୁ ଗିରଫ କରିଛି। ପଙ୍କଜ ଗୁପ୍ତାଙ୍କ ନାମରେ ଖଣି ଅଞ୍ଚଳର ବିଭିନ୍ନ ଥାନାରେ ୨୦୧୯ ଏବଂ ୨୦୨୧ରେ ଅନୁରୂପ ଡକାୟତି ମାମଲା ବିଚାରାଧିନ ରହିଛି। ସେମାନଙ୍କୁ ଗିରଫ ପରେ ଯୋଡା ଥାନା କେଶ ନଂ.୨୦୭/୨୦୨୪ରେ ୩୯୪ ଦଫାରେ ମାମଲା ରୁଜୁ ହୋଇଥିବା ବେଳେ ପରବର୍ତ୍ତି ପର୍ଯ୍ୟାୟରେ ଏହାକୁ ୩୯୫ ଦଫାକୁ ପରିବର୍ତ୍ତନ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗକାରୀ ଟ୍ରକ ଚାଳକ ଅନସାରିଙ୍କ ଘର ବିହାରର ଔରଙ୍ଗାବାଦ ଜିଲ୍ଲା ମନସୁରାରେ ବୋଲି ଉପଖଣ୍ଡ ପୁଲିସ ଅଧିକାରୀ ପ୍ରିୟଶ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି।

## ଗୋଡ଼ଭଙ୍ଗା ଘାଟିରେ ବୋଲେରୋ –ବାଇକ୍ ମୁହାଁମୁହିଁ

# ଦୁର୍ଘଟଣାରେ ଜଣେ ମୃତ, ୧ ଗୁରୁତର

**ଆନନ୍ଦପୁର,୨୬।୬(ସମିସ) ;** ଆନନ୍ଦପୁର-କରଞ୍ଜିଆ ୫୩ନଂ ରାଜ୍ୟ ରାଜପଥର ଗୋଡଭଙ୍ଗା ଘାଟିରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ କ୍ଷୀରୋଦ ସାମାଡ଼ ନାମକ ଯୁବକ ମୃତ୍ୟୁବରଣ କରିଥିବା ବେଳେ ମନୋଜ ସାମାଡ ଗୁରୁତର ଆହତ ହୋଇଛନ୍ତି। ଆହତ ମନୋଜଙ୍କୁ ପ୍ରଥମେ ଆନନ୍ଦପୁର ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ସ୍ଥାନାନ୍ତରିତ ହୋଇଥିବା ଜଣାଯାଇଛି। ମିଳିଥିବା ସୂଚନାନୁଯାୟୀ, ଗୋଡଭଙ୍ଗା ଗ୍ରାମର ଏହି ଦୁଇ ଯୁବକ ବାଇକ ଯୋଗେ ଆନନ୍ଦପୁରକୁ ଆସୁଥିବା ବେଳେ ବିପରୀତ ଦିଗରୁ ଯାଉଥିବା ଏକ ବୋଲେରୋ ସମ୍ମୁଖରେ ଧକା ଦେଇଥିଲା। ବାଇକ ଆରୋହୀ ଦୁଇ ଯୁବକ ଗୁରୁତର ହୋଇ ପଡିଥିବା ବେଳେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଆନନ୍ଦପୁର



ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରୁ ବାଇକ ଓ ବୋଲେରୋକୁ ଜବତ କରିଥିବା ବେଳେ ଡାକ୍ତରଖାନାରେ ପହଞ୍ଚି ମୃତାହତଙ୍କ ସମ୍ପର୍କରେ ଅନୁଧାନ ଆରମ୍ଭ କରିଛି।

# ନଦୀବନ୍ଧ ରାସ୍ତା ମରାମତି ଅଭାବରୁ ଶୋଚନୀୟ

**ବେଲବାହାଲି,୨୬।୬(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଏନ୍‌ଏଚ୍ ୨୦ନଂ ଜାତୀୟ ରାଜପଥ ସିଆପଡା ଛକଠାରୁ ଜଳସୁଆଁ ନୟାଗଡ଼ କୁସେଇ ନଦୀ ବନ୍ଧ ରାସ୍ତା ମରାମତି ଅଭାବରୁ ଶୋଚନୀୟ ପଡ଼ିଛି। ଏହି ରାସ୍ତା ଆନନ୍ଦପୁର ଆରଡି ବିଭାଗ ଅଧିନରେ ଥିଲେ ମଧ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିବା ସତ୍ତ୍ୱେ ରାସ୍ତା ମରାମତି ହେଉନାହିଁ। ଏବେ ଏହି ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଥିବା ପରିଲକ୍ଷିତ ହୋଇଛି। ଏହି ରାସ୍ତାର ପିଚୁ ଉଠିଯାଇଛି ତ କିଛି ସ୍ଥାନରେ ମେଣ୍ଟାଲ ଗୋଟି ଗୋଟି ହୋଇ ପଡିଛି। ବଡ଼ ବଡ଼ ଖାଲ ହେବାରୁ ଅସଲାଏ ବର୍ଷାରେ ପାଣି ଆଣ୍ଠୁଏ ଲେଖାଏଁ ଜମି ରହୁଛି। ଯାହା ଫଳରେ ଲୋକଙ୍କ ଯାତାୟତରେ ବାଧା ସୃଷ୍ଟି ହେଉଛି। ନଦୀ କୂଳେ କୂଳେ ଯାଇଥିବା ଏହି ପିଚୁରାସ୍ତା ଗତ ଦୁଇ ବର୍ଷରୁ ଉଦ୍ଧର୍ ହେବ ଫାଟି ନଷ୍ଟ ହୋଇ ଯାଇଛି। ଏହି ସମସ୍ୟା ବିଷୟରେ ଜଳସୁଆଁ ସରପଞ୍ଚ ପ୍ରଶାନ୍ତି ମାଝୀ ଓ ବେଲବାହାଲି ସରପଞ୍ଚ ଦୀପ୍ତି ସାହୁ ପୂର୍ବରୁ ଥିବା ଉପ ଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତଙ୍କୁ ଲିଖିତ



ଅଭିଯୋଗ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ସିଆପଡ଼ା, ଜଳସୁଆଁ, ନୟାଗଡ଼, ପରମାନନ୍ଦପୁର, ବାତୋ, ଅଞ୍ଜିରା, ମଧୁକେଶରି, ଅତା, ସାଳଦେଇ ସମେତ ଆହୁରି ୧୦ଟି ଗ୍ରାମରୁ ପ୍ରାୟ ହଜାର ହଜାର ଲୋକେ ଯାତାୟାତ କରୁଛନ୍ତି। ରାସ୍ତା ଏଭଳି ଖାଲଖମା ହେଇଥିବାରୁ ଯାହାଫଳରେ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ମଧ ଘଟୁଛି। ଆଗକୁ ବର୍ଷାଋତୁ ଆସୁଛି ସାଧାରଣ ଲୋକେ କୌଣସି ଅସୁବିଧାର ସମ୍ମୁଖିନ ନହେବା ପୂର୍ବରୁ ରାସ୍ତା ମରାମତି ପାଇଁ ଆଖପାଖ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଜେପିର ମିଶ୍ରଣ ପର୍ବ

**ଆନନ୍ଦପୁର,୨୬।୬(ସମିସ) :** ସ୍ଥାନୀୟ ପଣ୍ଡୁଆ ପଞ୍ଚାୟତର କେତେକ ଯୁବଗୋଷ୍ଠୀ ଓ ମୁରବୀ ଶ୍ରେଣୀର ବ୍ୟକ୍ତିବିଶେଷ ଆଜି ଭାରତୀୟ ଜନତା ପାର୍ଟିରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଥିବା ଜଣାଯାଇଛି। ଏହି ଉପଲକ୍ଷେ ପଞ୍ଚରାସ୍ଥିତ ଶ୍ରୀ କୁଶଳେଶ୍ୱର ମହେଶଙ୍କ ପୀଠରେ ଆୟୋଜିତ ହୋଇଥିବା ମିଶ୍ରଣ ପର୍ବରେ ଘସିପୁରା ବିଧାୟକ ପ୍ରାର୍ଥୀ ଡ. ଶମ୍ଭୁନାଥ ରାଉତ ଯୋଗ ଦେଇ ନବାଗତ ଯୁବଗୋଷ୍ଠୀଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ଡ. ରାଉତ ନବାଗତ ଯୁବଗୋଷ୍ଠୀ ଅଭିଷେକ ରାଉତ, ବିଜୟ ରାଉତ, ରଶ୍ମିରଞ୍ଜନ ଜେନା, କାଳିଆ ମହାକୁଡ, ଖୁଜୁରୁ ରାଉତ, ଫରିଦ ଖାଁ, ମାନସ କୁମାର ଜେନା, ଜଗମୋହନ ଜେନା, ଗୋପାଳ ପଣ୍ଡା, ପାଗଳ ପଣ୍ଡା, ସହଦେବ ସାମଲ, ଗୋପାଳ ସାମଲ, କାଳନ୍ଦୀ ପାତ୍ର, ଶେଷଦେବ ଜେନା, ନକୁଳ ସାମଲ, ଗୌରାଙ୍ଗ ମହାକୁଡଙ୍କ ସମେତ ଅନେକ ବିଶେଷ ବ୍ୟକ୍ତି ମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ବିଜେପି ନେତା ରମଣୀ ଚକ୍ର, ଶ୍ରୀଧର ମହାନ୍ତ, ତୀର୍ଥବାସୀ ଜେନା, ଯୁବନେତା ମାନସ ସାହୁ, ମାନସ ଆଚାର୍ଯ୍ୟ ପ୍ରମୁଖ ସାମିଲ ହୋଇଥିଲେ।

# ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ

**ଚମ୍ପୁଆ,୨୬।୬(ସମିସ):** ଚମ୍ପୁଆସ୍ଥିତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଆଜି ଆନ୍ତର୍ଜାତୀୟ ନିଶା ନିବାରଣ ଦିବସ ଓ ଅବୈଧ କାରବାର ନିୟନ୍ତ୍ରଣ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।କଲେଜର ଅଧକ୍ଷ ରାଜେନ୍ଦ୍ର କୁମାର କର ଏଥିରେ ଅଧକ୍ଷତା କରି କହିଥିଲେ ଦିନକୁ ଦିନ ନିଶା ବ୍ୟବହାର କରୁଥିବା ଲୋକ ଓ ଯୁବ ସମାଜର କ୍ରମ ବର୍ଦ୍ଧିଷ୍ଣୁ ମାତ୍ରା ସମାଜ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ପରିବାର ଉଜୁଡି ଯାଉଛି, ଯୁବ ସମାଜ ଦିଗଭ୍ରଷ୍ଟ।ଏହାର ନିରାକରଣ ପାଇଁ ଜରୁରୀକାଳୀନ ପଦକ୍ଷେପ ନିଆ ନଗଲେ ସମାଜ



ଧ୍ୱଂସାଭିମୁଖୀ ହେବ ଏହା ନିଃସନ୍ଦେହ ବୋଲି ସେ କହିଥିଲେ। ପ୍ରଧ୍ୟାପକ ସ୍ୱାଧୀନ କୁମାର ସିଂ ନିଶାମୁକ୍ତ ସମାଜ ଗଠନ ପାଇଁ ପ୍ରତ୍ୟେକ ସ୍ତରରେ ସଚେତନତା ଏବଂ ସରକାରଙ୍କ ଉଚିତ ପଦକ୍ଷେପ ଦ୍ୱାରା ଏହାର ବ୍ୟବହାର ଓ ଉତ୍ପାଦନକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ସ୍ପଷ୍ଟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଦୁଃଖବନ୍ଧୁ ମହାନ୍ତ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଗିରି,ପ୍ରଶାନ୍ତ ନନ୍ଦ ପ୍ରମୁଖ ଆଜି ଦିବସର ମହତ୍ତ୍ୱ,ଭୟାଭୟତା, ସଚେତନତା ଓ ନିରାକରଣ ଉପରେ ସୁଚିନ୍ତିତ ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧ୍ୟାପକ ଚମ୍ପେଶ୍ୱର ମିଶ୍ର,ରୀତା ଚାତାର,ମାନସ ବେହେରା,ସୁବ୍ରତ ବାଗ, ଅଧ୍ୟାପିକା ରଶ୍ମିରେଖା ବେହେରା,ଲିଜି ବାବୁ,ଓ ଚିନ୍ମୟୀ ମହନ୍ତ। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ନିଶାମୁକ୍ତ ଭାରତ ଗଠନ ପାଇଁ ଶପଥ ନେଇଥିଲେ।

# ଖୋଲା ଆକାଶ ତଳେ ବିତୁଛି ଅଜିତଙ୍କ ପରିବାର

## ଚଞ୍ଚକତା କରି ସର୍ଭେ ତାଲିକାରୁ ନାଁ କାଟିଦେଲେ

ଆନନ୍ଦପୁର ୨୬।୬(ସମିସ)

ସ୍ଥାନୀୟ ଦେଓଗାଁ ପଞ୍ଚାୟତ ଡିଙ୍କିଆ ଗ୍ରାମର ଅଜିତ କୁମାର ଦାସ ଗରିବ ଶ୍ରେଣୀର ହୋଇଥିବା ବେଳେ ଆବାସ ପାଇବାରୁ ବଞ୍ଚିତ ହୋଇଛନ୍ତି। ଦୀର୍ଘଦିନ ଧରି ତାଙ୍କ ପରିବାର ପଲଥିନ୍ ତଳେ ଅତି ଦୟନୀୟ ଅବସ୍ଥାରେ ବସବାସ କରୁଛନ୍ତି। ଏପରି ଦୟନୀୟ ଚିତ୍ର ଦେଖିବାକୁ ମିଳିଛି ଘସିପୁରା ବ୍ଲକର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବଣ୍ଟନରେ। ଆଗକୁ ବର୍ଷା ଋତୁ ଆସୁଥିବାରୁ ପରିବାର ଲୋକେ କିପରି ଦିନ କାଟିବେ ସେନେଇ ଚିନ୍ତାରେ ପଡିଯାଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ଗତ ପ୍ରାୟ ୧୨ ବର୍ଷ ତଳେ ଅଜିତଙ୍କ ମା' ଙ୍କ ନାମରେ ଏକ ସରକାରୀ ଆବାସ ଯୋଜନା ମଞ୍ଜୁର ହୋଇଥିବା ବେଳେ ତାଙ୍କ ବାପାଙ୍କର ଦେହାନ୍ତ ହେବାରୁ ଅର୍ଥାଭାବ ଯୋଗୁ ଗୃହ ନିର୍ମାଣ ଏଯାଏ ଅସମ୍ପୂର୍ଣ୍ଣ



ହୋଇ ପଡିରହିଛି। ଅଜିତଙ୍କ ବିଧବା ମା, ପତ୍ନୀ ପ୍ରତିମା, ଦୁଇ ପୁଅ ଓ ଝିଅ ପଲିଥିନ ତଳେ ଦିନ କାଟୁଛନ୍ତି। ଅଜିତଙ୍କ ପରିବାର ରହୁଥିବା ଚାଳଛପର ଘର ଗତ ୧୧ ତାରିଖ ଅପରାହ୍ନରେ ହୋଇଥିବା କାଳବୈଶାଖୀରେ ଭାଙ୍ଗି ଯାଇଥିବାରୁ ପରିବାର ଲୋକେ ବେସାହାରା ହୋଇପଡିଛନ୍ତି। ସେହି ଭଙ୍ଗା ଘରେ ପଲଥିନ୍ ଟାଙ୍ଗି ପରିବାର ଲୋକେ ବସବାସ କରୁଥିବା ବେଳେ ବିଷଧର ସରୀସୃପ ଭୟ ପରିବାର ଲୋକଙ୍କୁ ଘାରିଛି। ଏଭଳି ଦୟନୀୟ ଅବସ୍ଥାରେ ଥିବା ଏହି ପରିବାର ବର୍ଗଙ୍କ ଜୀବନ ବିପନ୍ନ ହୋଇପଡିଛି। ମୂଲ ମଜୁରି କରି ପରିବାର ଚଳାଉଥିବା ଅଜିତଙ୍କ ପାଇଁ ଘର ତିଆରି ସ୍ୱପ୍ନ ହୋଇଯାଇଛି। ୨୦୨୨-୨୩ ସାମାଜିକ ଅର୍ଥନୈତିକ ସର୍ଭେ ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ତାଲିକାରେ ତାଙ୍କ ନାମ ଥିଲା। ପଞ୍ଚାୟତରେ ଜାରି ହୋଇଥିବା ତାଲିକାରେ ୪ ନମ୍ବରରେ ତାଙ୍କ ନାମ ଥିଲା। ପରେ ଚଞ୍ଚକତା କରାଯାଇ ତାଲିକାରୁ ତାଙ୍କ ନାମ କାଟି ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି।। ତୁରନ୍ତ ତାଙ୍କୁ ସରକାରୀ ଆବାସ ପ୍ରଦାନ କରିବାକୁ ଅଜିତ କେନ୍ଦୁଝର ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

# ଚନ୍ଦନେଶ୍ୱରଙ୍କ ଆୟର ଉତ୍ସ ସର୍ବସାଧାରଣରେ ନିଲାମ ଦାବି

## ଭୋଗରାଇ ଦେବଭୂମି ବିକାଶ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଚୌକି, ୨୬।୬ (ସମିସ) : ଭୋଗରାଇ ବ୍ଲକ ହୁଗୁଳି ପଞ୍ଚାୟତରେ ଅଧିଷ୍ଠିତ ପୂର୍ବ ଭାରତର ଅନନ୍ୟ ତଥା ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱରଙ୍କ ବିଭିନ୍ନ ଆୟର ଉତ୍ସ ଗୁଡ଼ିକୁ କେବଳ ସେବାୟତଙ୍କ ମଧ୍ୟରେ ନିଲାମ ନ କରି ସର୍ବସାଧାରଣ ଯେପରି ନିଲାମ ନେଇ ପାରିବେ ତାହାର ବିଧିବଦ୍ଧ ବ୍ୟବସ୍ଥା କରିବା ପାଇଁ ଗତ ସୋମବାର ଭୋଗରାଇ ଦେବଭୂମି ବିକାଶ ପରିଷଦ ପକ୍ଷରୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏହାର ଏକକିତା ନକଲ ସ୍ଥାନୀୟ ତହସିଲଦାର ତଥା ମନ୍ଦିର ଟ୍ରଷ୍ଟବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ହିମାଂଶୁ ଶେଖର ଗିରି ଏବଂ ଦେବୋତ୍ତର କମିଶନଙ୍କୁ ମଧ୍ୟ ପ୍ରେରଣ କରାଯାଇଛି।

ସୂଚନା ଥାଉ କି, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ହୁଗୁଳି ଗ୍ରାମରେ ଅବସ୍ଥିତ ୫ଶହ ବର୍ଷର ପୁରାତନ ତଥା ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ଧାମ ହିନ୍ଦୁମାନଙ୍କର ଏକ ପବିତ୍ର ହୋଇଥିବାରୁ ବର୍ଷଯାକ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ଏହି ପୀଠକୁ ଦର୍ଶନ କରିବାକୁ ଆସନ୍ତି, ଏହାଛଡ଼ା ଶ୍ରାବଣ ପୂର୍ଣ୍ଣମୀ, ମହାଶିବରାତ୍ରି ଏବଂ ଚୈତ୍ର ମାସର ପ୍ରସିଦ୍ଧ ଚଡ଼କ ପର୍ବରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଛତିଶଗଡ଼, ମଧ୍ୟପ୍ରଦେଶ, ଆସାମ ତଥା ଦେଶ ବାହାରୁ ଲକ୍ଷାଧିକ ଭକ୍ତଙ୍କ ମହାମିଳନ ହୋଇଥାଏ। ଫଳରେ ଏହି ପୀଠର ବିଭିନ୍ନ ଆୟର ଉତ୍ସ ଯଥା ଗାଡ଼ିପାର୍କିଂ, ମୁଣ୍ଡନ, ଭୋଗ ଦୋକାନ, ଧୂପ ଧୂଣା ଫୁଲ ଦୋକାନ, ବିଭିନ୍ନ ମାନସିକ ପୂଜା, ଜୋତା ଷ୍ଟାଣ୍ଡ ଏବଂ ଦୈନିକ ବଜାରର ଶହ ଶହ ଦୋକାନରୁ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଟଙ୍କା ଆୟ ହୋଇଥାଏ। ଏହି ଆୟର ଉତ୍ସକୁ ନିଲାମ କରାଯାଇ ତହିଁରୁ ଆଦାୟ ହେଉଥିବା ଅର୍ଥ ମନ୍ଦିରର ଉନ୍ନତିରେ ଲାଗିଥାଏ। ମାତ୍ର ୨୦୧୫ ମସିହାରୁ ଏହି ସବୁ ଆୟର ଉତ୍ସକୁ କେବଳ ମନ୍ଦିରର ସେବାୟତମାନେ ନିଲାମ ନେଇ ପାରିବେ ବୋଲି ଦେବୋତ୍ତର ଆଇନକୁ ଉଲ୍ଲଙ୍ଘନ କରି ଏକ ରିଜଲ୍ୟୁସନ ବେଆଇନ ଭାବରେ ଟ୍ରଷ୍ଟ ବୋର୍ଡ ଦ୍ୱାରା ପାସ କରାଯାଇଥିଲା। ଫଳରେ କେତେକ ସେବାୟତ ଲକ୍ଷ ଲକ୍ଷ ଟଙ୍କାର ପୀଠର ଆୟର ଉତ୍ସକୁ ଶାଗ ମାଛ ମୂଲରେ ଅତି କମ ଦାମରେ ନିଲାମ ଧରି ମାଲେମାଲ ହେଉଥିବା ବେଳେ ମନ୍ଦିରର ପ୍ରକୃତ ଆୟ କମି ଯାଉଛି ବୋଲି ଦେବଭୂମି ବିକାଶ ପରିଷଦର ସଭାପତି ସମାଜସେବୀ ଦିଲ୍ଲୀପ କାମିଲା ଅଭିଯୋଗ କରିଛନ୍ତି। ଯାହା ଅଞ୍ଚଳର ସମସ୍ତ ଶୈବ ଭକ୍ତଙ୍କ ମନରେ ଗଭୀର ଆଘାତ ଦେଇଛି। ଖୁବଶୀଘ୍ର ଚନ୍ଦନେଶ୍ୱର ମନ୍ଦିରର ସମସ୍ତ ଆୟର ଉତ୍ସକୁ ସର୍ବ ସାଧାରଣ ନିଲାମ ଧରିବାର ବ୍ୟବସ୍ଥା କରାନଗଲେ ଦେବଭୂମି ବିକାଶ ପରିଷଦ ବିକ୍ଷୋଭ କରିବା ସହିତ ଗଣଧାରଣା କରିବାର ନିଷ୍ପତ୍ତି ନେଇଥିବା ସଭାପତି ଶ୍ରୀ କମିଲା ସୂଚନା ଦେଇଛନ୍ତି।

# ଗୁନାଇଁବସାଣ ପଞ୍ଚାୟତରେ ଭ୍ରାମ୍ୟମାଣ ଅଦାଲତ



ଚୌକି, ୨୬।୬ (ସମିସ): ଭୋଗରାଇ ବ୍ଲକ ଗୁନାଇଁବସାଣ ପଞ୍ଚାୟତ କାର୍ଯ୍ୟାଳୟରେ ଆଜି ଭ୍ରାମ୍ୟମାଣ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୋଗରାଇ ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧିକାରିଣୀ ସମାପିକା ସମଦର୍ଶିନୀ ଯୋଗଦେଇ ମୋଟ ୬ଟି ମାମଲାର ସମାଧାନ କରିଥିଲେ। ସରକାରୀ ଓକିଲ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ସହିତ ଓକିଲ ନନ୍ଦ ଦୁଲାଲ ଜେନା, ପେସ୍କାର ଅବିନାଶ ସେନାପତି, ମୋହରିର ସୁବ୍ରତ କର ଓ ଅଦାଲତର ଅନ୍ୟ କର୍ମଚାରୀମାନେ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ। ଗୁନାଇଁବସାଣ ପଞ୍ଚାୟତର ସରପଞ୍ଚ ସୁମତୀ ପାତ୍ର ଉପସ୍ଥିତ ରହିଥିଲେ। ଭ୍ରାମ୍ୟମାଣ ଅଦାଲତ ଦ୍ୱାରା ଗ୍ରାମାଞ୍ଚଳର ଆର୍ଥିକ ଦୁର୍ବଳ, ପଛୁଆବର୍ଗଙ୍କ ସହିତ ସାଧାରଣ ଲୋକେ ନିଜ ଘର ପାଖରେ ନ୍ୟାୟ ପାଇ ପାରୁଥିବାରୁ ସାଧାରଣରେ ଏହି ବ୍ୟବସ୍ଥାକୁ ବହୁ ପ୍ରଶଂସା କରାଯାଇଛି।

# ଟିଉସନ ଶିକ୍ଷକଙ୍କୁ ଆକ୍ରମଣ ଅଭିଯୋଗ

ଖଇରା, ୨୬।୬ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ସାରୁଗାଁ ପଞ୍ଚାୟତ ଅଧୀନ ନୂଆଗାଁ ଛକ ନିକଟରେ ମାନସ କୁମାର ଶଙ୍ଖୁଆ ନାମକ ଟିଉସନ ଶିକ୍ଷକଙ୍କୁ କିଛି ଯୁବକ ବନ୍ଧୁକ ଓ ଭୁଜାଲି ଦେଖାଇ ଆକ୍ରମଣ କରିଥିବା ଖଇରା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମାନସ ଚାକିରୀ ବଦଳରେ ଟିଉସନ ଓ ବିଭିନ୍ନ କୋଚିଂ ସେଣ୍ଟରରେ ପଢ଼ାଇ ଜୀବିକା ନିର୍ବାହ କରିନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଔପଦା ଅଞ୍ଚଳରେ ଥିବା ଏକ କୋଚିଂ ସେଣ୍ଟରରୁ ପଢ଼ାଇ ଔପଦା-ଖଇରା ରାସ୍ତାରେ ଖଇରା ଆସୁଥିବା ବେଳେ ନୂଆଗାଁ ନିକଟରେ କିଛି ଯୁବକ ବୁଲେଟରେ ଆସି ବନ୍ଧୁକ ଓ ଭୁଜାଲି ଦେଖାଇ ଆକ୍ରମଣ କରିବା ସହ ଟିଉସନ ଓ କୋଚିଂ ସେଣ୍ଟର ବନ୍ଦ କରିବାକୁ ଧମକ ଦେଇଥିଲେ। ଖଇରା ପୁଲିସ ବୁଧବାର ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛି।

# ହେରାପଞ୍ଚମୀରେ ପ୍ରତିଷ୍ଠା ହେବ ୫ଟି ନୂତନ ମନ୍ଦିର



ଭୋଗରାଇ, ୨୬।୬(ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ପଞ୍ଚାୟତ ସମିତି ଅନ୍ତର୍ଗତ ମହାଶମ୍ଭୁ ବାବା ଚନ୍ଦନେଶ୍ୱର ଓ ଏସିଆ ମହାଦେଶର ବୃହତ୍ତମ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ମଧ୍ୟସ୍ଥ ଟୁକୁରିହାଜିରା ଗ୍ରାମପଞ୍ଚାୟତର ଫୁଲବଣୀଖାସ୍ ଗ୍ରାମରେ ବିରାଜିତ ପ୍ରତ୍ୟକ୍ଷ ଦେବୀ ମାଁ ନାଇକାଣୀଙ୍କ ମନ୍ଦିର ସନ୍ନିକଟରେ ଜୁଲାଇ ୧୧ ତାରିଖ ଗୁରୁବାର ପବିତ୍ର ହେରା ପଞ୍ଚମୀଠାରୁ ଜୁଲାଇ ୧୪ତାରିଖ ରବିବାର ପର୍ଯ୍ୟନ୍ତ ଚାରି ଦିନ ଦରି ଶ୍ରୀଶ୍ରୀ ଲକ୍ଷ୍ମୀ ନାରାୟଣ, ଶ୍ରୀ ଶ୍ରୀ ରାଧାକୃଷ୍ଣ, ଶ୍ରୀଶ୍ରୀ ମହରୁଦ୍ର ଶିବ ପାର୍ବତୀ, ଶ୍ରୀ ଶ୍ରୀ ଗଣେଶ ଓ ଶ୍ରୀ ଶ୍ରୀ ହନୁମାନଙ୍କ ମନ୍ଦିର ମୋଟ ପାଞ୍ଚଟି ନୂତନ ମନ୍ଦିର ପ୍ରତିଷ୍ଠା ରତ୍ନମୁଦ ବିଧି ସହିତ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ସୂର୍ଯ୍ୟପୂଜା, ମଣ୍ଡପରେ ପୂଜା, ମହାନ୍ୟାସ ପୂଜା ଓ ଯଜ୍ଞ କର୍ମ ଆରତୀ ମନ୍ଦିର ଶିର୍ଷରେ ଚକ୍ର ତ୍ରିଶୁଳ ସ୍ଥାପନ ସମସ୍ତ ଦେବା ଦେବୀଙ୍କ ସିଂହାସନରେ ଉପବେସନ ପୂଜା ଓ ସର୍ବ ଦେବା ଦେବୀଙ୍କ ପ୍ରିତୟ ଯଜ୍ଞ, ମହାରୁଦ୍ରାଭିଷେକ, ପୂଜା-ଆରତୀ, ପୁଷ୍ପାଞ୍ଜଳି ପ୍ରଦାନ, ଯୁପାରୋପଣ, ଯଜ୍ଞ ପୂର୍ଣ୍ଣାହୂତୀ ସହିତ ମନ୍ଦିର ଉତ୍ସର୍ଗ ଆରତୀ, ବରପ୍ରାର୍ଥନା, ପ୍ରତିଷ୍ଠା କର୍ମ ସହିତ ପ୍ରସାଦ ସେବନର କାର୍ଯ୍ୟକ୍ରମ ରହିଛି। ଏଭଳି ମନ୍ଦିର ପ୍ରତିଷ୍ଠା ସମୟରେ ବହୁ ଭକ୍ତ ଶ୍ରଦ୍ଧାଳୁ, ସାଧୁସନ୍ଥ, ଜ୍ଞାନୀ ଗୁଣୀ, ମାନ୍ୟଗଣ୍ୟ ବ୍ୟକ୍ତି ଏଠାରେ ଉପସ୍ଥିତ ହେବାର ସୂଚନା ମିଳିଛି। ସେଥିପାଇଁ ପ୍ରସ୍ତୁତି କାର୍ଯ୍ୟ ଚାଲିଥିଲା ବେଳେ ଉକ୍ତ ବୃନ୍ଦ ଓ ଜନସାଧାରଣଙ୍କୁ ମନ୍ଦିର ପ୍ରତିଷ୍ଠା କମିଟି ତରଫରୁ ଏଭଳି ଧାର୍ମିକ ପରିବେଶରେ ବିପୁଳ ଯୋଗଦାନ କରିବା ପାଇଁ ନିବେଦନ କରାଯାଇଛି।

# ଆନ୍ତର୍ଜାତିକ ନିଶା ବିରୋଧୀ ଦିବସ ପାଳିତ




ଜଳେଶ୍ୱର ବ୍ଲକ, ୨୬।୬ (ସମିସ): ମିଳିତ ନିଶା ନିବାରଣ ଅଭିଯାନ ପକ୍ଷରୁ ଆନ୍ତର୍ଜାତିକ ନିଶା ବିରୋଧୀ ଦିବସ ବୁଧବାର ଅପରାହ୍ନରେ ଜଳେଶ୍ୱର ଷ୍ଟେସନ ବଜାର ସ୍ଥିତ କାଳୀ ମନ୍ଦିର ସଭାଗୃହ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ବର୍ତ୍ତମାନ ସାରା ଦେଶରେ ଯୁବପିଢ଼ି ନିଶା ଦ୍ୱାରା କବଳିତ ହୋଇ ଦେଶ ପ୍ରଗତିରେ ବାଧକ ହେଉଛନ୍ତି। ନିଶା ଏକ ସାମାଜିକ ସଙ୍କଟ ଓ ସଂକ୍ରାମକ ବ୍ୟାଧି ଭାବେ ଉଭା ହୋଇଛି। ଚୋରି, ଡକାୟତି, ଦୁର୍ଘଟଣା, ଦୁଷ୍କର୍ମ, ନାନା ବିଧ ରୋଗ ଓ ଆଇନ୍ ଶୃଙ୍ଖଳା ବ୍ୟାଘାତରେ ନିଶାର ପ୍ରସାର ଓ ବ୍ୟବହାର ମୁଖ୍ୟତଃ ଦାୟୀ। ଯୁବ ପିଢିଙ୍କୁ ମୃତ୍ୟୁର ଗହ୍ୱର ମଧ୍ୟକୁ ଠେଲି ଦେଇ ସରକାର ରାଜସ୍ୱ ମୁନାଫାରେ ଲାଗିଛନ୍ତି। ସ୍ୱାଧୀନତା ଆନ୍ଦୋଳନରେ ଜାତିର ପିତା ମହାତ୍ମାଗାନ୍ଧୀ ମଦ ବନ୍ଦ ପାଇଁ ପିକେଟିଂ କରି ଜେଲ୍ ଯାଉଥିଲେ। ସେ ପ୍ରତିଶୃତି ଦେଇଥିଲେ ଦେଶ ସ୍ୱାଧୀନ ହେବାର ୨୪ ଘଣ୍ଟା ମଧ୍ୟରେ ମଦ ବନ୍ଦ ହେବ। କିନ୍ତୁ ପରୀତାପର ବିଷୟ ହେଉଛି ଆଜି ଏହା କ୍ରମଶଃ ବଢ଼ି ବଢ଼ି ଚାଲିଛି। ତା ମଧ୍ୟରେ ଆମ ରାଜ୍ୟ ଓଡ଼ିଶା ହେଉଛି ଅନ୍ୟତମ। ପୁଣି ଜଳେଶ୍ୱର ସହର ନିଶାର ହବ୍ ପାଲଟିଛି। ଯେଉଁଠି ପାଇ ଏକ ୨୪ ବର୍ଷର ସରକାର ପରାସ୍ତ ହେବା ବିଭିନ୍ନ କାରଣ ମଧ୍ୟରୁ ନିଶା ମଧ୍ୟ ଏକ ଅନ୍ୟତମ କାରଣ। ଏବେର ବିଜେପି ସରକାରଙ୍କର ନିର୍ବାଚନ ପ୍ରତିଶ୍ରୁତି ଥିଲା ରାଜ୍ୟରେ ନିଶା ବନ୍ଦ ହେବ। ଏଣୁ ଆମେ ମିଳିତ ନିଶା ନିବାରଣ ଅଭିଯାନ ପକ୍ଷରୁ ଦାବି କରୁଛୁ, ନୂତନ ସରକାର ତାଙ୍କର ପ୍ରତିଶ୍ରୁତି ରକ୍ଷା କରନ୍ତୁ ଓ ସୁସ୍ଥ ସମାଜ ଗଠନ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ଆଜିର ସଭାରେ ବକ୍ତାମାନେ ବକ୍ତବ୍ୟ ରଖିଛନ୍ତି। ଉକ୍ତ ସଭାରେ ମୋନାର ବ୍ଲକ ସଭାପତି ଦିଲ୍ଲୀପ କୁମାର ଗିରିଙ୍କ ଅଧ୍ୟକ୍ଷତାରେ ସମାଜସେବୀ କମଳ ଚକ୍ରବର୍ତ୍ତୀ, ବଣିକ ସଂଘର ସଭାପତି ସୁଧୀର ମହାନ୍ତି, ସମାଜସେବୀ ଦିଲ୍ଲୀପ ପରିଡ଼ା, ଚନ୍ଦନ କାମିଳା, ଅଶୋକ ଦାସ, ଗଣେଶ ମାଇତି, ସେକ ଜମିରୁଦ୍ଦିନ, ସନ୍ତୋଷ ଦେବନାଥ, ବିଶାଳ ଦାସ, ସେକ ଇସ୍ମାଇଲ ଅଲ୍ଲୀ, ସଞ୍ଜୟ ଦାସ, ହେମନ୍ତ ପରିଡ଼ା, ରାଜା ଖାନ, ପୁଲିନ ଦେ, ଅକ୍ଷୟ ପାତ୍ର, ସିଦ୍ଧେଶ୍ୱର ନାୟକ, ଅସୀମ ଗିରି, ହେମନ୍ତ ବାରିକ, କେଦାର ମହାନ୍ତି, ସତୀଶ ପ୍ରଧାନ, ସଞ୍ଜୀବ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମାଜସେବୀ ମନୋରଞ୍ଜନ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୁବାଷ ବୋଷ ଅଟୋ ସଂଘ, ମହାତ୍ମା ଗାନ୍ଧୀ ଟଟୋ ସଂଘ ଓ ଜଳେଶ୍ୱର ଅଟୋ ଓ ଟଟୋ ସଂଘର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶିର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର



ନୀଳଗିରି, ୨୬।୬(ସମିସ) : ନୀଳଗିରି ଉପଖଣ୍ଡ ମେଡିକାଲ ପରିସରରେ ଥିବା ରକ୍ତ ଭଣ୍ଡାରରେ ଆଜି ପୂର୍ବାହ୍ନ ୧୦ ଟାରେ ଶିଶିର ମହାପାତ୍ର ଫାଉଣ୍ଡେସନର ସଭାପତି ସବ୍ୟସାଚୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରକୁ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଫିତା କାଟି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଡ. ତ୍ରିନାଥ ପାଲ ଉପସ୍ଥିତ ରହି ରକ୍ତଦାତାମାନଙ୍କର ରକ୍ତଚାପ ମାପିବା ସହିତ ଓଜନ ପରୀକ୍ଷା କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ସକାଳ ୧୦ ଟାରୁ ଆରମ୍ଭ ହୋଇ ଦିବା ୧ ଘଟିକା ପର୍ଯ୍ୟନ୍ତ ରକ୍ତ ସଂଗ୍ରହ କାର୍ଯ୍ୟ ଚାଲିଥିଲା। ଏଥିରେ ମୋଟ ୫୩ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଶିଶିର ରାଉତ, ଦେବାଶିଷ ନାୟକ, ନିଗମ ମହାପାତ୍ର, ସନ୍ତୋଷ ମହାପାତ୍ର, ଚିନ୍ମୟ ଶରଣ ରାଉତ, ଜୟନ୍ତ ପାତ୍ର, ଶାନ୍ତନୁ ମହାଳିକ, ମୁକେଶ ସାହୁ, ପ୍ରତାପ ସେଠୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ପାଳିତ

ରାଜଘାଟ, ୨୬।୬ (ସମିସ) : ବସ୍ତା ବ୍ଲକ ଜାମଶୂଳୀ ସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ବୁଧବାର ଅନ୍ତର୍ଜାତୀୟ ନିଶା ନିବାରଣ ଓ ଅବୈଧ ନିଶା କାରବାର ଦିବସ ପାଳିତ ହୋଇ ଯାଇଛି। କଲେଜ ଅଧ୍ୟକ୍ଷା ଲିପିକା ଜାନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଚେତନତା ସଭାରେ ଜାତୀୟସେବା ଯୋଜନା ମାର୍ଗ ଦର୍ଶକ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ଅତିଥି ଭାବରେ ଯୋଗଦେଇ ନିଶାମୁକ୍ତ ଭରତର ଆବଶ୍ୟକତା ଉପରେ ଆଲୋକପାତ କରିବା ସହିତ ଯୁବ ପିଢି ନିଶାଠୁ ଦୂରେଇ ରହିବାକୁ ସେ ମଧ୍ୟ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ପରମାନନ୍ଦ ମହାନ୍ତି, ତାପସ ତନୟ ନନ୍ଦୀ, ପ୍ରଭାତ ରଞ୍ଜନ ଦାସ, ଆଶୁତୋଷ ଯତି, ଦିଲ୍ଲୀପ କୁମାର ହାଜିରା, ଶିବ ପ୍ରସାଦ ଦାସ, ଡେମୋଷ୍ଟ୍ରେଟର ଶ୍ରୀକାନ୍ତ ମହାପାତ୍ର, ଅଜିତ କୁମାର ଭୂୟାଁ ପ୍ରମୁଖ ଯୋଗ ଦେଇ ଏଥିରେ ଅଂଶ ଗ୍ରହଣ କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ନଗେନ୍ଦ୍ର ନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ବାଲ୍ୟବିବାହ ଓ ଲିଙ୍ଗଗତ ହିଂସାକୁ ନେଇ କର୍ମଶାଳା




ରାଜଘାଟ, ୨୬।୬ (ସମିସ): ବସ୍ତା ବ୍ଲକ ସଭାଗୃହ ପରିସରରେ ସହେଲୀ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବାଲ୍ୟବିବାହ ଓ ଲିଙ୍ଗଗତ ହିଂସା ରୋକିବା ଓ ମୁକ୍ତ କରିବା ଉଦ୍ଦେଶ୍ୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ କୁ ସହେଲୀ ସଂସ୍ଥାର ନିର୍ଦ୍ଦେଶିକା ଡାଲିଆ ଆଣ୍ଟନି ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ବସ୍ତା ସିଡିପିଓ ଦିପ୍ତିରାଣୀ ସିଂ ଏବଂ ସମସ୍ତ ପର୍ଯବେକ୍ଷିକା ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ରହିଥିଲେ। ସଭ୍ୟ ଶିକ୍ଷିତ ସମାଜରେ ଆଜି ବି ବାଲ୍ୟବିବାହ ଓ ଲିଙ୍ଗ ଜନିତ ପାର୍ଥକ୍ୟ, ଭେଦଭାଦ ଓ ଲିଙ୍ଗ ଜନିତ ହିଂସା ଦେଖାଦେଉଛି। ଯଦିଓ ପୂର୍ବ ଅପେକ୍ଷା ଏହାର ମାତ୍ରା କମିଛି କିନ୍ତୁ ସମ୍ପୂର୍ଣ ଭାବେ ଏହା ବନ୍ଦ ହୋଇ ପାରିନାହିଁ। ଯାହା ଦ୍ୱାରା ଅଳ୍ପ ବୟସରେ ନାବାଳିକା ଝିଅ ଟିଏ ମାତୃତ୍ୱ ଲାଭ କରୁଛି, ମାତ୍ର ଶାରୀରିକ ମାନସିକ ଭାବେ ସେ ପ୍ରସ୍ତୁତ ହୋଇ ନଥାଏ। ସେହିପରି ପୁଅ ଝିଅ ସମାନ ବୋଲି କୁହା ଯାଉଥିବା ବେଳେ ବାସ୍ତବରେ କିନ୍ତୁ ପୁଅ ଝିଅ ସମାନ ହୋଇ ପାରିନାହାନ୍ତି। ଯାହାକୁ ନେଇ ପାରିବାରିକ ହିଂସା ବୃଦ୍ଧି ପାଇବ ସହିତ ମାମଲା ଯାଇ ଥାନା, କୋର୍ଟରେ ପହଞ୍ଚୁଛି। ଯାହା ପାଇଁ ମାନସିକ ସନ୍ତୁଳନ ହରାଇ ଆତ୍ମହତ୍ୟା କରିବାକୁ ଅନେକ ବାଧ୍ୟ ହେଉଛନ୍ତି। ତେଣୁ ବାଲ୍ୟବିବାହ ଏବଂ ଲିଙ୍ଗ ଜନିତ ଭେଦ ଭାବ କିମ୍ବା ହିଂସା ଏକ ଦଣ୍ଡନୀୟ ଅପରାଧ। ଏଥି ପାଇଁ ସ୍ୱତନ୍ତ୍ର ଆଇନ ବ୍ୟବସ୍ଥା ରହିଛି ଲୋକେ ଏହାର ସୁଯୋଗ ନେବାକୁ କିମ୍ବା ଦିଆଯାଇଥିବା ହେଲ୍ପ ଲାଇନ ନମ୍ବର୍ କିମ୍ବା ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ସୁପର ଭାଇଜର, ସିଡ଼ିପିଓଙ୍କୁ ସଠିକ୍ ତଥ୍ୟ ଦେଇ ଏହାକୁ ରୋକାଯାଇ ପାରିବ। ଯଦି ପ୍ରତ୍ୟେକ ନାଗରିକ, ପରିବାର ଏଥିପ୍ରତି ସଚେତନ ଓ ଯତ୍ନବାନ ହେବେ ତେବେ ନିଶ୍ଚିତ ଭାବେ ୨୦୩୦ ସୁଦ୍ଧା ଓଡ଼ିଶାରୁ ବାଲ୍ୟବିବାହ ଓ ଲିଙ୍ଗଜନିତ ପାର୍ଥକ୍ୟ ଓ ହିଂସାକୁ ଲୋପ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା।

## ଏକଦା ନିଶା ଅଭ୍ୟସ୍ତ ଦୁଇ ବନ୍ଧୁ

# ଏବେ ନିଶା ନିବାରଣ ଅଭିଯାନର କର୍ଣ୍ଣଧାର

ଜଳେଶ୍ୱର ବ୍ଲକ, ୨୬।୬ (ସମିସ):



ନିଶା ସେବନ ଓ ନିଶା ସାମଗ୍ରୀର ଅବାଧ କାରବାର ଦ୍ୱାରା ସମାଜ ଅଧୋଗତି ଆଡକୁ ଯାଉଥିବା ବେଳେ ଦେଶର ପ୍ରଗତିରେ ମୁଖ୍ୟ ବାଧକ ସାଜୁଛି। ସରକାରୀ ସ୍ତରରେ ଦୃଢ଼ ପଦକ୍ଷେପ ଲାଗି ପ୍ରତିବଦ୍ଧତା ନ ଥିବାବେଳେ ବହୁ ସ୍ୱେଚ୍ଛାସେବୀ ସଂଗଠନ, ସଂସ୍ଥା ଓ କେତେକ ସମାଜସେବୀ ବ୍ୟକ୍ତିଗତ ସ୍ତରରେ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି। ଆମ ଦେଶରେ ପ୍ରତି ୪ ଜଣରେ ଜଣେ ନିଶାଗ୍ରସ୍ତ ରୋଗୀ ଚିକିତ୍ସା ପାଇପାରୁ ଥିବା ବେଳେ ୨୦ ଜଣରୁ ଜଣେ ହସ୍ପିଟାଲରେ ଚିକିତ୍ସିତ ହୋଇ ପାରୁଛନ୍ତି। ସହାରାଞ୍ଚଳରେ ୬୦ ଭାଗ ଅପରାଧର କାରଣ ନିଶା ଜନିତ ବୋଲି ଜଣାପଡ଼ିଛି। ବିଗତ ଦିନରେ ଜଳେଶ୍ୱର ଅଞ୍ଚଳର ଅନ୍ଧାରୀ ନିଶା ସାମ୍ରାଜ୍ୟର ବେନାମ ବାଦଶାହ ଭାବେ ଦୁଇ ଯୁବକଙ୍କ ଅନାଲୋଚିତ କାହାଣୀ ଯେତେ ରୋମାଞ୍ଚକ ଓ ସେତେ ହୃଦୟ ସ୍ପର୍ଶୀ ମଧ୍ୟ। ଜଳେଶ୍ୱର ପୌରାଞ୍ଚଳସ୍ଥିତ ସ୍ୱର୍ଗତ ଡା. ସୁରେଶ ଚନ୍ଦ୍ର କରଣଙ୍କ ଚତୁର୍ଥ ପୁତ୍ର ସୁଜିତ କୁମାର କରଣ (ବାବାଜୀ) ପିଲାଦିନୁ ବାପା ମାଁ ଛେଉଣ୍ଡ ହେବା ସହିତ କୁସଙ୍ଗରେ ପଡ଼ି ଅନ୍ଧାରୀ ନିଶା ସାମ୍ରାଜ୍ୟକୁ ପଶି ଯାଇଥିଲେ। ବିଭିନ୍ନ ଅପରାଧିକ ମାମଲାରେ ଛନ୍ଦି ହେବା ପରେ ପରିବାର ଲୋକ ବାବାଜୀଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ସ୍ଥିତ ନିଶା ନିବାରଣ ସୁଧାର ଗୃହକୁ ପଠାଇ ଥିଲେ। ସେହିପରି ଷ୍ଟେସନ ବଜାର ମିଲ ବାଡିସ୍ଥିତ ସ୍ୱର୍ଗତ ଭୁବନ କର୍ମକାରଙ୍କ ୨ୟ ପୁତ୍ର ବାସୁଦେବ କର୍ମକାର ମଧ୍ୟ ଦୀର୍ଘ ଦିନ ଧରି ନିଶାରେ ଅଭ୍ୟସ୍ତ ହୋଇ ସମାଜର ମୁଖ୍ୟ ଧାରାରୁ ବଞ୍ଚିତ ଥିଲେ। ତାଙ୍କ ପରିବାର ଜୀବନ ରକ୍ଷା ଲାଗି କଟକ ସ୍ଥିତ ସେହି ନିଶା ସୁଧାର ଗୃହରେ ଭର୍ତ୍ତି କରିଥିଲେ। ନିଶା ନିବାରଣ ସୁଧାର ଗୃହରେ ଦୀର୍ଘ ୩ ବର୍ଷ କାଳ ୨ ବନ୍ଧୁ ଶୃଙ୍ଖଳିତ ଜୀବନ ଚର୍ଯ୍ୟାରେ ଶାରୀରିକ, ମାନସିକ ଭାବେ ସୁସ୍ଥ ହୋଇ ଘରକୁ ଫେରିଥିଲେ। କିନ୍ତୁ ଆଜିର ସମାଜ ତାଙ୍କୁ ଆଡ ଆଖିରେ ଦେଖିବା ସହିତ, ସାମାଜିକ, ଅର୍ଥନୈତିକ ଓ କେତେକାଂଶରେ ପାରିବାରିକ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ଦୁଇ ବନ୍ଧୁ ଉପାୟ ଶୁନ୍ୟ ହୋଇ କଟକ ସ୍ଥିତ ନିଶା ନିବାରଣ ସୁଧାର ଗୃହର ଗୁରୁ ସହାସ୍ୟ ପଟ୍ଟନାୟକ (ଟିମା ଭାଇ)ଙ୍କ ତତ୍ତ୍ୱାବଧାନରେ ଯୋଗ, ପ୍ରାଣାୟାମ, ବ୍ୟାୟାମ ଓ ନିଶା ନିବାରଣ ସମ୍ପର୍କିତ ସମସ୍ତ ତଥ୍ୟ ଶିକ୍ଷା ଲାଭ କରିଥିଲେ। ପରେ ୨ ବନ୍ଧୁ ଘରକୁ ଫେରି ପରିବାର ଓ ବଦ୍ୟାନ ବ୍ୟକ୍ତିଙ୍କ ସହାୟତାରେ 'ବାସ୍ତବ' ନାମରେ ଏକ ନିଶା ନିବାରଣ ସୁଧାର ଗୃହ ପ୍ରତିଷ୍ଠା କରିଥିଲେ। ବିଗତ ୭ ବର୍ଷ ତଳୁ ଗୋବରଘାଟା ପଞ୍ଚାୟତ ଅଗ୍ରୱାଲା ଛକ ନିକଟ ମିଲ ବାଡିରେ ଭଡ଼ା ସୂତ୍ରରେ ନିଶା ନିବାରଣ କେନ୍ଦ୍ର ଚଳାଇ ଆସୁଛନ୍ତି। ଦୀର୍ଘ ବର୍ଷ ଧରି ପ୍ରାୟ ୩ ହଜାରରୁ ଅଧିକ ବିପଥଗାମୀ ନିଶାଗ୍ରସ୍ତ ଯୁବକଙ୍କୁ ସ୍ୱଳ୍ପ ରକ୍ଷଣାବେକ୍ଷଣ ଖର୍ଚ୍ଚରେ ନିଶା ମୁକ୍ତ କରେଇ ପାରିଛନ୍ତି। ସେମାନେ ସଂସ୍ଥା ଚଳେଇବା ପାଇଁ ବହୁ ବାଧା ବିଘ୍ନ ର ସମ୍ମୁଖୀନ ହେଉଥିଲେ ମଧ୍ୟ ଭ୍ରୁକ୍ଷେପ ନ କରି ନିଶା ମୁକ୍ତ, ସୁସ୍ଥ ସମାଜ ଗଠନରେ ଅବଦାନ ଦେଇ ଚାଲିଛନ୍ତି। ଏହା ସହିତ ନିଶାମୁକ୍ତ ୮ ଜଣ ଯୁବକଙ୍କୁ ସୁଧାର ଗୃହରେ ଆଶ୍ରା ମଧ୍ୟ ଦେଇଛନ୍ତି। ଅଧୁନା ବାବାଜୀ ବିବାହ ବନ୍ଧନରେ ବାନ୍ଧି ହେବା ସହିତ ସୁଖୀ ଦାମ୍ପତ୍ୟ ଜୀବନ ବିତାଉଛନ୍ତି। ତାଙ୍କ ବନ୍ଧୁ ବାସୁ ମଧ୍ୟ ପରିବାରକୁ ଫେରି ସ୍ତ୍ରୀ ପିଲା ଛୁଆଙ୍କ ସହିତ ହସ ଖୁସିରେ ଜୀବନ ବିତାଉଛନ୍ତି। ଜୁନ ୨୬ ବିଶ୍ୱ ନିଶା ନିବାରଣ ଦିବସ ଅବସରରେ ନିଶାସକ୍ତ ଯୁବପିଢ଼ିଙ୍କୁ ଅଭିଭାବକଙ୍କ ଉପଦେଶ ମାନିବା ସହିତ ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିବାକୁ ନିବେଦନ କରିଛନ୍ତି। ଏହି ୨ ବନ୍ଧୁଙ୍କ ନିଶା ନିବାରଣ କ୍ଷେତ୍ରରେ ଦୃଢ଼ ପ୍ରତିବଦ୍ଧତା ଆଜିର ଯୁବପିଢ଼ିକୁ ନିଶ୍ଚିତ ପ୍ରେରଣା ଯୋଗାଇବ।

# ଜଳେଶ୍ୱର-ପଶ୍ଚିମବାଡ଼ ରାସ୍ତାରେ ରେଳ ଅଣ୍ଡରପାସ୍ କେବେ



**ରେଳ ଅଧିକାରୀଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଉ**

ଜଳେଶ୍ୱର ବ୍ଲକ, ୨୬।୬ (ସମିସ) :

ଜଳେଶ୍ୱର ସହରରୁ ବାଲିଆପାଳ ବ୍ଲକ ଅଞ୍ଚଳକୁ ଯାତାୟାତ ଲାଗି ଜଳେଶ୍ୱର ରେଳ ଷ୍ଟେସନର ଉତ୍ତରପଟ କେବିନ୍ ଦୀର୍ଘବର୍ଷ ଧରି ବାଧକ ସୃଷ୍ଟ କରି ଆସୁଥିଲା। ଏହା ଦୁଇ ବ୍ଲକର ସଂଯୋଗୀକରଣ ରାସ୍ତା ହୋଇଥିବାରୁ ଦୁଇ ବ୍ଲକ ବାସୀଙ୍କର ଜୀବନରେଖାର କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ଏହି ରାସ୍ତାରେ ଏକ ରେଳ ଲେଭେଲ କ୍ରସିଂ ଥିବାରୁ ଯାନ ଗୁଡିକୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଥିବାରୁ ଏକ ଅଣ୍ଡର ପାସ୍ ଦୀର୍ଘବର୍ଷରୁ ଦାବି ହୋଇ ଆସୁଥିଲା। ରେଳ କର୍ତ୍ତୃପକ୍ଷ ଓ ରେଳ ମନ୍ତ୍ରୀ ଅଣ୍ଡରପାସ୍ ସମ୍ପର୍କରେ ସମାଜ କଲ୍ୟାଣ ବିକାଶ ପରିଷଦ ଓ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିବାବେଳେ ଅଦ୍ୟାବଧି କାର୍ଯ୍ୟକାରୀ ହେଉନଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି।

ଜଳେଶ୍ୱର ଅଞ୍ଚଳରୁ ବିଶେଷ କରି ଆରୁହା, ଗୋପୀମୋହନପୁର, ଖୁଲୁଡା, ବର୍ଡ୍ଡନା, ପନଶ୍ଚିମବାଡ, ଝାଡପିମ୍ପଳ, ବାଇଗଣବାଡିଆ, ପଞ୍ଚାୟତ ସହିତ ବାଲିଆପାଳର ପ୍ରାୟ ସମସ୍ତ ପଞ୍ଚାୟତର ଲୋକମାନେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହି ସମସ୍ତ ଅଞ୍ଚଳରୁ ଆମ୍ବୁଲାନ୍ସରେ ରୋଗୀ, ଦମକଳ ବାହିନୀ, ବନ୍ୟାବାତ୍ୟା ବେଳେ ଅତ୍ୟାବଶ୍ୟକ ଜିନିଷ ଯୋଗାଣ, ହାଟ ବଜାର, ଜାତୀୟ କରଣ ବ୍ୟାଙ୍କ, ଥାନା, ବ୍ଲକ, ତହସିଲ, ରେଳ ସେବା, ଟ୍ରେଜେରୀ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ବିଦ୍ୟୁତ୍, କୃଷି, ପୂର୍ତ୍ତ ବିଭାଗର କାର୍ଯ୍ୟାଳୟକୁ ଲୋକେ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। କିନ୍ତୁ ଖଡଗପୁର-ଭଦ୍ରକ ମଧ୍ୟରେ ଦୈନିକ ୧୩୫ଟି ଟ୍ରେନ ଚଳାଚଳ କରୁଥିବାରୁ ହାରାହାରୀ ପ୍ରତି ୫ ମିନିଟରେ ୧ଟି ଟ୍ରେନ ଆସିଥାଏ। ତେଣୁ ଯାନଗୁଡିକୁ ରେଳ ଲେଭେଲ କ୍ରସିଂଠାରେ ଦୀର୍ଘ ସମୟ ଅଟକିବାକୁ ପଡେ। ଏହି ସବୁ ସମସ୍ୟାକୁ ଲକ୍ଷ୍ୟ କରି ଜଳେଶ୍ୱରର ଅଗ୍ରଣୀ ସଂଗଠନ ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ବାରମ୍ବାର ରେଳ ବିଭାଗ ଠାରେ ସମସ୍ୟାର ସମାଧାନ ଲାଗି ଦାବି କରାଯାଇ ଆସୁଥିଲା। ଏପରିକି ୨୦୨୩ ମସିହାରେ ସଂଗଠନର ସମ୍ପାଦକ ଆଇନଜୀବୀ ରାମଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ସ୍ୱର୍ଗତ ଅରୁଣ ବେଜ, ବଣିକ ସଂଘ ସଭାପତି ସୁଧିର ମହାନ୍ତି, ଶରତପରିଡ଼ା, ଡ. ଅଜିତ୍ ମହାନ୍ତି, ଇଂ. ରାମଚନ୍ଦ୍ର ସାହୁ, ଡ. ରମାକାନ୍ତ ଭଞ୍ଜ, ଜିତାରାମ ଦେ, ଅବନୀ ଚାନ୍ଦ, ଗୌରଗୋପାଳ ସେନ ଓ ରବିନାରାୟଣ ପାତ୍ର ପ୍ରମୁଖ ଖଡଗପୁର ଯାଇ ଡିଆର୍‌ଏମ୍ ମନୋରଞ୍ଜନ ପ୍ରଧାନଙ୍କ ଠାରେ ଦାବି ଜଣାଇଥିଲେ। ଏଥିପାଇଁ ୨କୋଟି ୫୦ଲକ୍ଷ ଟଙ୍କା ମଞ୍ଜୁରୀ ହୋଇଥିଲା। କିନ୍ତୁ ୩ୟ ରେଳପଥ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହା ବିଳମ୍ବ ଘଟୁଥିବା କୁହାଯାଇଥିଲା। ଗତ ନିର୍ବାଚନ ବେଳେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶାଳୀକୋଠା ନିର୍ବାଚନୀ ସଭାରେ ଏ ସମ୍ପର୍କରେ ରେଳବିଭାଗ ସମସ୍ୟାର ସମାଧାନ ପାଇଁ ପ୍ରସ୍ତୁତ ଥିବା କହିଥିଲେ। କିନ୍ତୁ ଅଦ୍ୟାବଧି ସମସ୍ୟାର ସମାଧାନ ହୋଇନଥିବାରୁ ଖରା, ବର୍ଷା, କାକରରେ ଯାତ୍ରୀମାନେ ଦୀର୍ଘସମୟ ଅପେକ୍ଷା କରୁଥିବାରୁ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେବକୁ ଜଳେଶ୍ୱରର ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

**ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ**

# ୩ ଏସି ଅଚଳ, ଗରମରେ ସିଝୁଛନ୍ତି ରୋଗୀ



ବାଲେଶ୍ୱର, ୨୬।୬(ସମିସ): ଏବେ ନାହିଁ ନାହିଁରେ ଚାଲିଛି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ପୋଷ୍ଟ ଆନେସଥେସିଆ କେୟାର ୟୁନିଟର ତିନୋଟି ଏସି ଅଚଳ ଯୋଗୁ ଗରମରେ ସିଝୁଛନ୍ତି ଅପରେସନ ରୋଗୀ। ଏହିଭଳି ଅଭିଯୋଗ ବୁଧବାର ଦିନ ରୋଗୀ ମାନଙ୍କ ଅଭିଭାବକ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରଙ୍କ ଶାସନ କାଳରେ ଫକୀର ମୋହନ ମେଡିକାଲ କଲେଜ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କଳେବରକୁ ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ କରିଦେଇଥିଲେ। ରୋଗୀଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇଥିବାରୁ ସରକାର ମୁଖ୍ୟ ଚିକିତ୍ସାଳୟରେ ସମୟ ଉପଯୋଗୀ ପଦକ୍ଷେପ ନେଇଥିଲେ। ବିଭିନ୍ନ ବିଭାଗ ଓ ନିଦାନ ପାଇଁ ସ୍ୱତନ୍ତ୍ର ବିଲଡିଂ ସାଙ୍ଗକୁ ଅତ୍ୟାଧୁନିକ ମେସିନ ମଧ୍ୟ ଖଞ୍ଜି ଦେଇଛନ୍ତି। ସର୍ଜରୀ ବିଭାଗର ଆଇସିୟୁରେ ଚାରୋଟି ବାତାନୁକୁଳିତ ଯନ୍ତ୍ର ବା ଏୟାର କଣ୍ଡିସନ ମେସିନ କିଛି ବର୍ଷ ତଳେ ଲଗାଯାଇଥିଲା। ମାତ୍ର କିଛି ମାସ ହେଲା ସବୁ ଯାକ ଏସି ମେସିନ ଅଚଳ ହୋଇ ଯାଇଛି। ମରାମତି ଲାଗି ମେଡିକାଲ କଲେଜର ପ୍ରଶାସନିକ ଅଧିକାରୀ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇ ସାରିଛନ୍ତି। ଚାରିମାସ ତଳେ ଚିଠି ଲେଖାଯାଇଥିଲେ ମଧ୍ୟ ଏସି ଗୁଡିକ ମରାମତି କରାଯାଉ ନାହିଁ। ଅପ୍ରେଲ ମାସ ଠାରୁ ଗରମ ଅନୁଭୂତ ହେଲାଣି। ଜୁନ ମାସରେ ପ୍ରବଳ ଗରମ ଅନୁଭୂତ ହେଉଛି। ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ବ୍ୟବସ୍ଥା ଥିଲେ ମଧ୍ୟ ଏସି ଅଚଳ ହେଇଯାଇଛି। କାଚ ଲଗା ଝରକା ଗୁଡିକ ଖୋଲା ଯାଇପାରୁନାହିଁ। ଇଣ୍ଟେନସିଭ କେୟାର ୟୁନିଟରେ ଦଶ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ମାତ୍ର ବିନା ଏସିରେ ରୋଗୀମାନେ ତତଲା କରେଇରେ ସିଝିଗଲା ଭଳି ଅନୁଭବ କରୁଛନ୍ତି। ଡାକ୍ତର ମାନଙ୍କୁ କହିଲେ ସେମାନେ କହୁଛନ୍ତି, ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ତେବେ ମେଡିକାଲ କଲେଜର ମୁଖ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଏ ସମ୍ପର୍କରେ ପଚରିବାରୁ ସେ କହିଥିଲେ, ଗତ କିଛି ମାସ ତଳେ ଏଡିଏମଓଙ୍କୁ ଏସି ଗୁଡିକର ମରାମତି ପାଇଁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ସମ୍ପୃକ୍ତ ଅଧିକାରୀ ଏଯାଏଁ ମରାମତି କରାଇ ନାହାନ୍ତି। ରୋଗୀ ମାନେ ଏ ସମ୍ପର୍କରେ ଅଭିଯୋଗ ଲିଖିତ ଭାବେ କଲେ ନିଶ୍ଚିତ ଭାବେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ। ବାଲେଶ୍ୱର ଜିଲ୍ଲାପାଳ ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରାଯାଇଛି।

# ସିମୁଳିଆ ବ୍ଲକ୍‌ରେ ନୂତନ ବିଧାୟକଙ୍କ ସମୀକ୍ଷା ବୈଠକ



ସିମୁଳିଆ, ୨୬।୬(ସମିସ): ସିମୁଳିଆ ବ୍ଲକରେ ନୂତନ ବିଧାୟକଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କୁ ସିମୁଳିଆ ବିଡ଼ିଓ ସମ୍ବିଦ କୁମାର କର. ତହସିଲଦାର ସୁନୀଲ କୁମାର ଟୁଡୁ. ବିଓ ପ୍ରକାଶ କୁମାର ମହାଳିକ, ସିମୁଳିଆ ବ୍ଲକ ଅଧକ୍ଷ ବାବାଜୀ ଚରଣ ମଲ୍ଲିକ ସ୍ୱାଗତ ଜଣାଇ ସଭାଗୃହକୁ ପାଛୋଟି ଆଣିଥିଲେ। ଏହି ସଭା ଗୃହରେ ବ୍ଲକର ସମସ୍ତ ପଦାଧିକାରୀ ଓ ୨୨ଟି ପଞ୍ଚାୟତର ସମସ୍ତ ସରପଞ୍ଚ. ସମିତି ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ। ପରେ ନବ ନିର୍ବାଚିତ ବିଧାୟକ ବ୍ଲକର ସମସ୍ତ ପଦ ଅଧିକାରୀମାନଙ୍କର ପରିଚୟ ଦେବା ପାଇଁ କହିଥିଲେ। ସମସ୍ତ ଅଧିକାରୀ ନିଜର ପରିଚୟ ଦେଇଥିଲେ। ପରେ ବ୍ଲକକୁ କେତେ ଅନୁଦାନ ଆସିଥିଲା କେତେ ଖର୍ଚ୍ଚ ହଇଛି କେତେ ଗଛିତ ଅଛି ଓ କେଉଁ କାମ ଚାଲିଛି କେତେ କାମ ହେବ ସେ ଉପରେ ଆଲୋଚନା ହୋଇଥିଲା। ସିମୁଳିଆ ବ୍ଲକ ରେ ଶିକ୍ଷକ ଅଭାବରୁ ପିଲାଙ୍କର ପାଠ ପଢ଼ାରେ ସମସ୍ୟା ଅଛି। ସେହି ପରି ୪୦ ନମ୍ବର ଜୋନର ଜିଲ୍ଲାପରିଷଦ ରମେଶ ଚନ୍ଦ୍ର ସାହୁ ନିଜେ ଦିନ ୧୨ଘଟିକା ପର୍ଯ୍ୟନ୍ତ ଭାରତ ସେଭାନିଧି ବିଦ୍ୟାଳୟ କୁ ମାତ୍ର ତିନି ଜଣ ଶିକ୍ଷକ ଆସିଥିଲେ ଓ ଅନ୍ୟ ଶିକ୍ଷକ ଆସିନଥିଲେ ବୋଲି ଏହି ସମୀକ୍ଷା ବୈଠକରେ ବିଇଓଙ୍କୁ ପ୍ରଶ୍ନ ରଖିଥିଲେ। ମୁରୁଣା ସମିତି ସଭ୍ୟ ଗୋପିକାନ୍ତ ମହାନ୍ତି ସେ ପ୍ରଶ୍ନ କରିଥିଲେ। ସେଇପରି ସିମୁଳିଆ ରେ ଡାକ୍ତର ଅଭାବ ଥିବାରୁ ସାଧାରଣ ଗରିବ ଲୋକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି। ଯିଏବି ଡାକ୍ତର ଅଛନ୍ତି ସେମାନେ ଠିକ ସମୟରେ ମେଡିକାଲକୁ ଯାଉନାହାନ୍ତି ଫଳରେ ଗରିବ ରୋଗୀ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି ବୋଲି ଅଣ୍ଡରାଇ ସମିତି ସଭ୍ୟ ଉତ୍ତମ କୁମାର ମହାନ୍ତି ଅଭିଯୋଗ ଆଣିଥିଲେ। ପରିଶେଷରେ ବିଧାୟକ ଦଳ ଗତ ନିର୍ବିଶେଷରେ ଦଳୀୟ ଭାବନାରୁ ଉର୍ଦ୍ଧରେ ରହି ସମସ୍ତ ଲୋକ ନ୍ୟାୟ ପାଇବା ଦରକାର ବିଧାୟକ ପଦ୍ମଲୋଚନ ପଣ୍ଡା ଏହି ସମୀକ୍ଷା ବୈଠକରେ ଅଧିକାରୀ ମାନଙ୍କୁ କହିଥିଲେ। ଆଗାମୀ ବୈଠକକୁ ଆସିବା ବେଳେ ବ୍ଲକର ସମସ୍ତ ତଥ୍ୟ ନେଇ ସଭା ଗୃହକୁ ଆସିବା ପାଇଁ ପଦ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇ ଅଛନ୍ତି।

# ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ରଥଯାତ୍ରା ପ୍ରସ୍ତୁତି ବୈଠକ



ବାଲିଆପାଳ, ୨୬।୬ (ସମିସ): ଉତ୍ତର ବାଲେଶ୍ୱରର ପ୍ରସିଦ୍ଧ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ରଥଯାତ୍ରା ପାଇଁ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ନୂତନ ସଭାପତି ଜଗନ୍ନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଚଳିତ ବର୍ଷ ରଥଯାତ୍ରାର ସୁପରିଚାଳନା ପାଇଁ ରଥଯାତ୍ରା କମିଟି ଏବଂ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସୁବନ୍ଦୋବସ୍ତ ପାଇଁ ସବିଶେଷ ଆଲୋଚନା ହୋଇଥିଲା। ଚଳିତବର୍ଷ ଜୁଲାଇ ୭ ତାରିଖରେ ଶ୍ରଦ୍ଧାପତିଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇ ହେରାପଞ୍ଚମୀ, ବାହୁଡାଯାତ୍ରା ମହାସମାରୋହରେ ଅନୁଷ୍ଠିତ ହେବା ନେଇ ସବିଶେଷ ଆଲୋଚନା ହୋଇଥିଲା। ଅପରାହ୍ନ ୪ଟାରେ ପହଣ୍ଡିବିଜେ କରାଯାଇ ୫ଟାରେ ରଥଟଣା ହେବ। ମଧୁପୁରା ପଞ୍ଚାୟତ ରଥଖଳାଠାରୁ ବାଲିଆପାଳ ପୁରୁଣା ବସଷ୍ଟାଣ୍ଡସ୍ଥିତ ମାଉସୀମା ବାଡି ପର୍ଯ୍ୟନ୍ତ ତିନି ରଥରେ ତିନିଠାକୁରଙ୍କୁ ବସାଇ ଭକ୍ତମାନେ ସୁରୁଖୁରରେ ରଥକୁ ଟାଣି ନେବା ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା ସାଙ୍ଗକୁ ୧୦୦ଜଣ ସ୍ୱେଚ୍ଛାସେବୀ ନିଯୁକ୍ତ କରାଯିବ। ସେହିପରି ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପିଇବା ପାଣିର ବ୍ୟବସ୍ଥା ସାଙ୍ଗକୁ ଆଶୁଚିକିତ୍ସା କେନ୍ଦ୍ର ଖୋଲାଯିବ ନେଇ ଆଲୋଚନା ହୋଇଥିଲା। ମାଉସୀମା ମନ୍ଦିର ପ୍ରାଙ୍ଗଣରେ ପ୍ରତିଦିନ ସନ୍ଧ୍ୟାରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ବସ୍ତା ବିଧାୟିକା ସୁବାସିନୀ ଜେନା, ବିଡିଓ ବିନୋଦ ଚନ୍ଦ ପଣ୍ଡା, ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ଜେନା, ସ୍ୱାସ୍ଥ୍ୟ ବିଭାଗ ସୁପରଭାଇଜର ରମାନାଥ କର, ମନ୍ଦିର ପରିଚାଳନା କମିଟି ସମ୍ପାଦକ ବ୍ରଜକିଶୋର ଭୂୟାଁ, ପ୍ରଫୁଲ୍ଲ ସାହୁ, ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ, ମୁରଳୀ ମୋହନ ସାହୁ, ଇଂ. ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ମଧୁପୁରା ସରପଞ୍ଚଙ୍କ ସ୍ୱାମୀ ଲମ୍ବୋଦର ମାହାନା, ବାଲିଆପାଳ ସରପଞ୍ଚଙ୍କ ସ୍ୱାମୀ ହେମନ୍ତ ଦାସ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା, କାଞ୍ଚନବାଳା ଜେନା, ସମିତି ସଭ୍ୟ ସୁଶାନ୍ତ ସେଠୀ, ଜଗନ୍ନାଥ ବାରିକ, ଅରୁଣ କୁମାର ପାତ୍ର, ଅସିତ ପଟ୍ଟନାୟକ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଏବଂ ବିଭିନ୍ନ ପଞ୍ଚାୟତର ବହୁ ନେତୃବୃନ୍ଦ, ଜଗନ୍ନାଥ ପ୍ରେମୀ ଓ ବିଭିନ୍ନ ବିଭଗାର ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଶାଶୂ ମୃତ; ଝିଅ-ଜ୍ୱାଇଁ ଗୁରୁତର

ବହଳଦା, ୨୬।୬(ସମିସ): ବୁଧବାର ଏକ ବାଇକ ଦୁର୍ଘଟଣାରେ ଶାଶୂର ମୃତ୍ୟୁ ଘଟିଥିବାବେଳେ ଝିଅ-ଜ୍ୱାଇଁ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ, ବୁଧବାର ଅପରାହ୍ନରେ ଏକ ବାଇକରେ ବହଳଦା ପଟୁ ରାଇରଙ୍ଗପୁର ଅଭିମୁଖେ ଯାଉଥିବାବେଳେ ମୁଖ୍ୟ ସଡକର ଗମ୍ଭାରିଆ-କାଦୁଆଣୀ ମଝି ଏକଲବ୍ୟ ସ୍କୁଲ ନିକଟରେ ସାମ୍ନାରେ ଯାଉଥିବା ଏକ ଗାଡ଼ିକୁ ଓଭରଟେକ୍ କରିଥିଲା। ହେଲେ ସାମ୍ନା (ରାଇରଙ୍ଗପୁର ପଟୁ) ରୁ ଅନ୍ୟ ଏକ ଗାଡ଼ି ଆସିଯିବାରୁ ବାଇକ ଆରୋହୀ ଭାରସାମ୍ୟ ହରାଇ ରାସ୍ତା କଡ ଖାଲକୁ ଛିଟିକି ପଡ଼ିଥିଲେ। ଫଳରେ ବାଇକରେ ବସିଥିବା ରାଇରଙ୍ଗପୁର ଗଡ଼ ଅଞ୍ଚଳର କାନ୍ତୀ ମହାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ତାଙ୍କ ଜ୍ୱାଇଁ ବାଇକ ଚାଳକ ଆକାଶ ମହାନ୍ତ ଓ ଝିଅ ସୁନିତା ମହାନ୍ତ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ବହଳଦା ଥାନାର ଇନ୍ସପେକ୍ଟର ବୀରେନ୍ଦ୍ର ରାଉତ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି। ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

**● ବୋଲେରୋ-ବାଇକ୍ ଧକ୍କା; ଜଣେ ମୃତ**

## କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକ

ମହୁଲଡିହା, ୨୬।୬(ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅନ୍ତର୍ଗତ ଗୋଡ଼ଭଙ୍ଗା ଘାଟିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଉତ୍ତେଜନା ଲାଗି ରହିଛି। କ୍ଷତିପୂରଣ ଦାବି କରି ୫୩ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଛନ୍ତି ଲୋକେ। କ୍ଷଘଟଣାରୁ ପ୍ରକାଶଯେ, ଠାକୁରମୁଣ୍ଡା ପଟରୁ ଏକ ବୋଲେରୋ ଆନନ୍ଦପୁର ଆଡକୁ ଯାଉଥିଲା। ଅପରାହ୍ନରେ ଗୋଡ଼ଭଙ୍ଗା ଘାଟି ଆରମ୍ଭ ବାଙ୍କରେ ବୋଲେରୋ ଏବଂ ବାଇକ ମଧ୍ୟରେ ଧକ୍କା ହୋଇଥିଲା। ବାଇକକୁ ରକ୍ଷା କରିବାକୁ ଯାଇ ବୋଲେରୋ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବାଇକରେ ଗୋଡ଼ଭଙ୍ଗା ଗ୍ରାମ ମହୁଲଗୋଠ ସାହିର କ୍ଷିରୋଦ ସାମାଡ଼ ଓ ମନୋଜ କୁମାର ସାମାଡ଼ ଠାକୁରମୁଣ୍ଡା ଦିଗକୁ ଆସୁଥିଲେ। ଗୋଡ଼ଭଙ୍ଗା ଠାକୁରାଣୀ ଶାଳ ଉଠାଣିର ଶେଷ ବାଙ୍କରେ ମୁହାଁମୁହିଁ ହେବାରୁ ବାଇକ ଆରୋହୀ ଗୁରୁତର ହୋଇଥିଲେ। ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ମନୋଜ ସାମାଡ଼ଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ସନ୍ଧ୍ୟାରେ ରାଜ୍ୟ ରାଜପଥ (୫୩) କୁ ଅବରୋଧ କରିଥିଲେ। ପରେ ବିଡିଓ ସ୍ୱପ୍ନେଶ୍ୱର ବେହେରା ଏବଂ ଠାକୁରମୁଣ୍ଡା ଥାନାଧିକାରୀଣୀ ସାବିତ୍ରୀ ଦଳେଇ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ବି ରାସ୍ତାରୋକ ହଟି ନ ଥିଲା। ପରେ ରେଡ଼କ୍ରସରୁ ମୃତକ ପରିବାରକୁ ୧୦ ହଜାର ଟଙ୍କାର ଚେକ ଦେବା ପରେ ରାତି ୮ ଟାରେ ରାସ୍ତା ଅବରୋଧ ହଟିଥିଲା।

# ଅବ୍ୟବସ୍ଥା ମଧ୍ୟରେ ଖୋଲିଛି ବସ୍ତା ଆଦର୍ଶ ବିଦ୍ୟାଳୟ

ବସ୍ତା ବ୍ଲକ, ୨୬।୬ (ସମିସ) :



**● ବିଜୁଳି ନାହିଁ, ଗରମରେ ସନ୍ତୁଳି ହେଉଛନ୍ତି ୨୪୦ ଛାତ୍ରଛାତ୍ରୀ**

**● ଅଭିଭାବକ ମହଲରେ ଅସନ୍ତୋଷ**

ଚଳିତ ୨୦୨୪-୨୫ ଶିକ୍ଷାବର୍ଷ ଆରମ୍ଭ ହୋଇଛି। ସବୁ ସ୍କୁଲ, କଲେଜ ଖୋଲିଛି। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକର ଭେଲୋରା ଠାରେ ନୂତନ ଭାବେ ନିର୍ମିତ ହୋଇଥିବା ଆଦର୍ଶ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ଶିକ୍ଷାଦାନ ଆରମ୍ଭ ହୋଇଥିବା ବେଳେ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ଏପରିକି ସ୍କୁଲରେ ବିଦ୍ୟୁତ ସଂଯୋଗ ହୋଇ ନ ଥିବା ଯୋଗୁଁ ପ୍ରବଳ ଗରମରେ ୨୪୦ ଛାତ୍ରଛାତ୍ରୀ ସନ୍ତୁଳି ହେଉଛନ୍ତି। ଯାହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତ ୨ ବର୍ଷ ଧରି ବସ୍ତା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନସିକ ଯନ୍ତ୍ରଣା ରେ ଛଟପଟ ହେଉଛନ୍ତି ବୋଲି ତାଙ୍କ ଅଭିଭାବକ ମାନେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ବସ୍ତା ବ୍ଲକରେ ଆଦର୍ଶ ବିଦ୍ୟାଳୟ ନିର୍ମାଣକୁ ନେଇ ପ୍ରଥମରୁ ବିବାଦ ଦେଖା ଦେଇଥିଲା। ବସ୍ତା ବ୍ଲକଠାରୁ କିଛି ଦୂରରେ ପତ୍ରଝଡ଼ା ପଞ୍ଚାୟତରେ ବିଦ୍ୟାଳୟ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇ କାର୍ଯ୍ୟ ଆରମ୍ଭ ପରେ ସେଠାରୁ ଚଞ୍ଚକତା କରି ସ୍କୁଲ କୁ ଭେଲୋରାକୁ ସ୍ଥାନାନ୍ତର ହୋଇଥିଲା। ସେଠାରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ଚଳିତ ଶିକ୍ଷାବର୍ଷ ପ୍ରାରମ୍ଭରୁ ସେଠାର କ୍ଲାସ ଆରମ୍ଭ ହୋଇଛି। କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବାରୁ ପିଲାମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଚେରି, ବାଳକ ବାଳିକା ହଷ୍ଟେଲ, ସ୍କୁଲକୁ ରାସ୍ତା, ସାଇକେଲ ଷ୍ଟାଣ୍ଡ ଏଯାଏ ନିର୍ମାଣ ସରିନି। ୨୦୨୨-୨୩ ଶିକ୍ଷାବର୍ଷରୁ ଆଦର୍ଶ ବିଦ୍ୟାଳୟ ପାଇଁ ନାମ ଲେଖା ଆରମ୍ଭ ହୋଇ ଥିଲା। ମାତ୍ର ବିଦ୍ୟାଳୟ ନ ଥିବା ଯୋଗୁଁ ବସ୍ତା ଶମ୍ଭୁନାଥ ସରକାରୀ ହାଇସ୍କୁଲରେ ଅସ୍ଥାୟୀ ଭାବେ କ୍ଲାସ ହୋଇ ଆସୁଥିଲା। ଦୁଇ ବର୍ଷ ଧରି ବହୁ ଅସୁବିଧାରେ ପିଲାମାନେ ପାଠ ପଢୁଥିଲେ। ସ୍କୁଲରେ ନା ଶିକ୍ଷକ ଙ୍କ ଅଫିସ ପାଇଁ ସୁବିଧା ଥିଲା ନା ପିଲାମାନେ ଠିକ ଭାବେ ବସି ପାରୁଥିଲେ। ତୁରନ୍ତ ନୂତନ ବିଦ୍ୟାଳୟ କାର୍ଯ୍ୟ ସାରିବାକୁ ବିଭିନ୍ନ ମହଲରୁ ଦାବି ହୋଇ ଆସୁଥିବା ବେଳେ ଶେଷରେ ଚଳିତ ବର୍ଷ ସ୍କୁଲ ଖୋଲିଛି। ଏବେ ନୂଆ ସ୍କୁଲରେ ୩ ଟି କ୍ଲାସ୍ ହେଉଥିବା ବେଳେ ୨୪୦ ପିଲା ପାଠ ପଢୁଛନ୍ତି। ସ୍କୁଲ ଖୋଲିଥିବା ବେଳେ ସ୍କୁଲକୁ ବିଦ୍ୟୁତ୍ ସଂଯୋଗ ହୋଇ ନାହିଁ। ଫଳରେ କ୍ଲାସ୍ ରୁମ୍‌ରେ ପିଲା ମାନେ ଗରମରେ ଛଟପଟ ହେଉଛନ୍ତି। ଅଫିସ୍ କାର୍ଯ୍ୟ ରେ ମଧ୍ୟ ବ୍ୟାହତ ହେଉଥିବା ସ୍କୁଲ ପକ୍ଷରୁ ସୂଚନା ମିଳିଛି। ମୋଟର ଚାଲୁ ନ ଥିବା ଯୋଗୁଁ ପିଲାମାନେ ପାଣି ଟିକେ ପାଇବାକୁ ପାଉନାହାଁନ୍ତି। ପାଣି ନଥିବା ଯୋଗୁଁ ପିଲାମାନେ ଓ ଶିକ୍ଷକ, କର୍ମଚାରୀ ମାନେ ବାଥରୁମ ଯାଇ ପାରୁ ନାହାନ୍ତି। ଅଫିସ କାର୍ଯ୍ୟ ଚାଲି ପାରୁ ନାହିଁ। ଯାହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆବଶ୍ୟକ ସୁବିଧା ନାହିଁ ତାହେଲେ ଜିଲ୍ଲା ପ୍ରଶାସନ ସ୍କୁଲରେ କ୍ଲାସ କରିବାକୁ କିପରି ନିର୍ଦ୍ଦେଶ ଦେଲ ତାହାକୁ ନେଇ ଆଲୋଚନା ହେଉଛି।

ଏ ସଂକ୍ରାନ୍ତରେ ସ୍କୁଲର ଅଧ୍ୟକ୍ଷାଙ୍କୁ ଯୋଗାଯୋଗ କରିବାକୁ ସେ ସେ ବିଦ୍ୟୁତ୍ ସଂଯୋଗ ପାଇ ବାରମ୍ବାର କାର୍ଯ୍ୟଳୟ ସହିତ ଯୋଗାଯୋଗ କରିଥଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ପ୍ରକାଶ କରିଥିଲେ। ଏ ନେଇ ବସ୍ତା ବିଦ୍ୟୁତ୍ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ବିଦ୍ୟୁତ୍ କାର୍ଯ୍ୟ କରୁଥିବା ଠିକାଦାର ଫାଇଲ ଦେଇନଥିବାରୁ ଇଲେକ୍ଟ୍ରି ଚାର୍ଜ କରୁନଥିବା ପ୍ରକାଶ କରିଥିଲେ। ଏଭଳି କାଦୁଅ ଫିଙ୍ଗା ଭିତରେ ପିଲାମାନେ ଅକଥନୀୟ ଅତ୍ୟାଚାରର ଶିକାର ହେଉଥିବା ନେଇ ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ନ ଦେଲେ ଅଭିଭାବକ ମାନେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

